## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳାଙ୍କ ଜୀବନ ଗଲା

**ରୂପ୍ସା,୮।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମର ଶ୍ରୀମତୀ ସିଂ (୬୦) ନାମ୍ନୀ ଜଣେ ବିଧବା ମହିଳା ଶନିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଗାଁ ପୋଖରୀରେ ଗାଧୋଇବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ରୂପ୍ସା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରାଇଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ସୋର,୮।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଚମ୍ପେଉ ଗ୍ରାମର କୈଳାସ ସାହୁଙ୍କ ପତ୍ନୀ ଭାରତୀ ସାହୁ (୩୫) ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି । ଶନିବାର ସକାଳେ ସେ ଶୌଚ ଲାଗି ଯାଇଥିବା ସମୟରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପରିବାର ଲୋକେ ସୋର ଡାକ୍ତରଖାନାକୁ ଚିକିତ୍ସା ଲାଗି ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋର ପୋଲିସ ମୃତଦେହ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି।

### ମୃତ ଚାଷୀଙ୍କ ସ୍ତ୍ରୀଙ୍କୁ ମିଳିଲା ବୀମା ସହାୟତା

**ସୋର,୮।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଜଡ଼ିଦା ପଞ୍ଚାୟତର ପାଟୁଳିଦା ଗ୍ରାମର ଚାଷୀ କମଳାକାନ୍ତ ରାଉତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ତାଙ୍କ ପତ୍ନୀ ନୟନାଙ୍କୁ କୃଷକ ବୀମା ଯୋଜନାରେ ଏବେ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସ୍ଥାନୀୟ ଗୋପୀନାଥପୁର ସେବା ସମବାୟ ସମିତି ଜରିଆରେ ବାଲେଶ୍ୱର-ଭଦ୍ରକ ସେଣ୍ଟ୍ରାଲ କୋ ବ୍ୟାଙ୍କ ତରଫରୁ ତାଙ୍କୁ ଚେକ୍ ପ୍ରଦାନ କରାଯିବା ବେଳେ ବ୍ୟାଙ୍କର ପରିଚାଳକ ଶୁଭେନ୍ଦୁ କୁମାର ବିଶ୍ୱାଳ, ସମିତିର ସମ୍ପାଦକ ସୁବ୍ରତ କୁମାର ଦାସ ଓ ସଭାପତି ତୁଳସୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ମୃତ ଚାଷୀ କମଳାକାନ୍ତ ଜଣେ ସଫଳ ଚାଷୀ ହୋଇଥିଲେ ମଧ ଦୀର୍ଘ ୪୦ ବର୍ଷ ଧରି ବିଭିନ୍ନ ଖବରକାଗଜ ବିତରଣ କରି ଆସୁଥିଲେ। ଗତ ଅକ୍ଟୋବର ୨୨ ତାରିଖରେ ନିଜ କୁକୁଡ଼ାଫାର୍ମରେ ପାଣି ଦେଉଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ତାଙ୍କ ପୁତ୍ର ଅଶ୍ୱିନୀ ପିତାଙ୍କ କାର୍ଯ୍ୟଧାରାକୁ ଅନୁସରଣ କରି ଖବରକାଗଜ ବିତରଣ ଜାରି ରଖିଛନ୍ତି।

### ବାବା ଚନ୍ଦ୍ରେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା



**ଖଇରା,୮।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ମିରିପୁର ଗ୍ରାମରେ ବାବା ଚନ୍ଦ୍ରେଶ୍ୱର ମନ୍ଦିର ପ୍ରତିଷ୍ଠା ଶୁକ୍ରବାର ଓ ଶନିବାର ୨ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ମଧରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମପୋଖରୀର ୧୦୮ ଜଳପୂର୍ଣ୍ଣ କଳସକୁ ଶୋଭାଯାତ୍ରାରେ ମନ୍ଦିର ପରିସରକୁ ଅଣାଯାଇଥିଲା। ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ହରିହର ଦାସ ଓ ଅଜୟ ପତ୍ରୀ ପୂଜାର୍ଚ୍ଚନା କରିଥିଲେ। ଜଳଧର ଲେଙ୍କା, ପାକ ପଣ୍ଡାଙ୍କ ସମେତ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପର୍ଯ୍ୟଟନ ଓ ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯଜ୍ଞ ସ୍ଥଳରେ ଉପସ୍ଥିତ ରହି ଚନ୍ଦ୍ରେଶ୍ୱରଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

# ଶିଶୁ ଶିଳ୍ପୀଙ୍କ ସ୍ପର୍ଶରେ ଜୀବନ୍ତ ହେଲା ମାଟିର ପ୍ରତିକୃତି

## ଟେରାକୋଟା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାଲେଶ୍ୱର ଅଫିସ,୮।୬**

ସଂସ୍କୃତି, ପରମ୍ପରା ଓ ଲୋକକଳାକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଫାମାସ' ପକ୍ଷରୁ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଟେରାକୋଟା ପ୍ରଶିକ୍ଷଣ ଶିବିର ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଉତ୍ସବ ଗୁଞ୍ଜନ-୨୦୧୯ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ଶିଶୁ ଶିବିରାର୍ଥୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ସେହି ଶିଶୁ ଶିଳ୍ପୀଙ୍କ ସ୍ପର୍ଶରେ ମାଟିର ପ୍ରତିକୃତି ସତେ ଯେମିତି ଜୀବନ୍ତ ହୋଇ ଉଠିଥିଲା। ମାଟିରେ କିଛି ନା କିଛି ତିଆରି କରିବା ଶିଖି ଶିଶୁମାନେ ଏଥିରେ ମଜ୍ଜି ରହିଥିଲେ।



ଟେରାକୋଟା ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ର ମାଟିରେ ବିଭିନ୍ନ ପ୍ରତିକୃତି ତିଆରି କରୁଛନ୍ତି।

ବାଲେଶ୍ୱରର ଷ୍ଟେଶନ ରାସ୍ତାରେ ଥିବା ଏକ ଘରୋଇ ସ୍କୁଲ ପରିସରରେ ସନ୍ଧ୍ୟା ୭ଟା ସମୟରେ ଆୟୋଜିତ ହୋଇଥିଲା ଏହାର ଉଦ୍‌ଯାପନ ଉତ୍ସବ। ପଦ୍ମଶ୍ରୀ ଶିଳ୍ପୀଗୁରୁ ପ୍ରଭାକର ମହାରଣା ଉଦ୍‌ଘାଟକ ଭାବେ ଯୋଗଦେଇ 'ଫାମାସ' ପରିବାରର ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଝାଡ଼େଶ୍ୱର ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ଚେୟାରମ୍ୟାନ୍ ପରମାନନ୍ଦ ସାନ୍ତରା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ରୋହିଣୀକାନ୍ତ ରାୟ, ଅନସୂୟା ନାୟକ, ସମ୍ପାଦକ ଦିଲ୍ଲୀପ ପରିଡ଼ା, ବରିଷ୍ଠ ସଦସ୍ୟ ଡ. ଶାନ୍ତନୁ ଦାସ, କାର୍ଯ୍ୟକ୍ରମ ସଂଯୋଜକ ସୁରେଶ ଉପାଧ୍ୟାୟ, ଟେରାକଟା ପ୍ରଶିକ୍ଷକ ଗୁରୁ ଅଲେଖ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଟେରାକୋଟା ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିବ ବୋଲି ଅଭିଭାବକ ବିଜୟ ଦାସ ମତବ୍ୟକ୍ତ କରିଥିଲେ। ଅମୂଲ୍ୟ ମହାନ୍ତି, ପୂର୍ଣ୍ଣେନ୍ଦୁ ମହାନ୍ତି, ସଞ୍ଜୀବ ନାୟକ, ସାଇରୁଲ ହକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜବରଦଖଲ ଯୋଗୁ ରତାଇ ବଜାର ରାସ୍ତା ସଙ୍କୁଚିତ

**ବାଲିଆପାଳ,୮।୬(ଡି.ଏନ.ଏ.)**

ଜବର ଦଖଲ ଯୋଗୁଁ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ରତାଇ ବଜାର ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ଫଳରେ ରାସ୍ତାରେ ଯାନବାହାନ ଚଳାଚଳ ନେଇ ନାନା ସମସ୍ୟା ଉପୁଜୁଛି । ଏଥିପାଇଁ ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ମଧ ଘଟୁଛି । ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ପ୍ରଶାସନ ନୀରବ ରହୁଥବବା ବଜାରବାସୀ ଅଭିଯୋଗ କରିଛନ୍ତି। ୫ ବର୍ଷ ପୂର୍ବେ ଏହି ରାସ୍ତାକୁ ସମ୍ପ୍ରସାରଣ କରାଯାଇଥିଲା । ସେତେବେଳେ କେତେକ ଜବର ଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଥିଲା । ରାସ୍ତା କାମ ସରିବା ପରେ ପୁଣି ସେମାନେ ରାସ୍ତା କଡ ଜାଗାକୁ ଜବର ଦଖଲ କରି ନେଇଛନ୍ତି। ଏ ସମ୍ପର୍କରେ ତହସିଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଲିଖିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# 'ବରିଷ୍ଠମାନେ ସମାଜର ଦିଗ୍‌ଦର୍ଶକ'

## ସିମୁଳିଆ ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ

**ସିମୁଳିଆ,୮।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ବରିଷ୍ଠ ନାଗରିକ ମଞ୍ଚର ବ୍ଲକସ୍ତରୀୟ ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ବ୍ଲକ ସଦରମହକୁମା ମାର୍କୋଣାରେ ଅନୁଷ୍ଠିତ ହୋଇଯାଇଛି। ବରି ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଅତିଥି ରୂପେ ତହସିଲଦାର ରବିନାରାୟଣ ସାହୁ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେବା ଅବସରରେ କହିଥିଲେ, ବରିଷ୍ଠମାନେ ସମାଜର ଦିଗଦର୍ଶକ। ସେମାନଙ୍କୁ କୌଣସି ସ୍ତରରେ ଅବହେଳା କରାଯିବା ଅନୁଚିତ। ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ସୋନାଲି ପତି ସମ୍ମାନନୀୟ ଅତିଥିରୂପେ ଯୋଗଦେଇ ବରିଷ୍ଠମାନେ କିଭଳି ସ୍ୱାସ୍ଥ୍ୟ ସଚେତନ ରହିବେ ସେସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ବରିଷ୍ଠ ମଞ୍ଚର ସମ୍ପାଦକ ଲକ୍ଷ୍ମୀଧର ବେହେରା ମୁଖ୍ୟବକ୍ତା ରୂପେ ଯୋଗଦେଇ ସଙ୍ଗଠନର ଆଭିମୁଖ୍ୟ ଓ ନିଆଯାଇଥିବା ବିଭିନ୍ନ ଉନ୍ନୟନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବର ମୁଖ୍ୟଅତିଥି ଜିଲା ମଞ୍ଚର ଉପଦେଷ୍ଟା ପ୍ରଫେସର ଅନନ୍ତ କୁମାର ପ୍ରଧାନ ଏବଂ ସଦସ୍ୟ ମଧୁସୂଦନ ଜେନା ପ୍ରମୁଖ ଦେଶ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସିମୁଳିଆ ବ୍ଲକର ବରିଷ୍ଠ ମଞ୍ଚ ସମ୍ପାଦକ ମହେନ୍ଦ୍ର ପ୍ରସାଦ ମହାପାତ୍ର ବିବରଣୀ ପାଠ କରିଥିଲେ। ପୁରୁଷୋତ୍ତମପୁର ପଞ୍ଚାୟତର ସଭାପତି ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ମଞ୍ଚର ମୁଖପତ୍ର 'ସାୟଂ ଜ୍ୟୋତି' ଉନ୍ମୋଚିତ ହୋଇଥିଲା।




ବରିଷ୍ଠ ନାଗରିକ ମଞ୍ଚର ମୁଖପତ୍ର 'ସାୟଂ ଜ୍ୟୋତି' ଉନ୍ମୋଚନ କରାଯାଉଛି।

## ଏଥର ୪ଦିନ ପାଳିତ ହେବ ସୁନ୍ଦରପୁର ରଜ ମହୋତ୍ସବ

**ଖଇରା,୮।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ସୁନ୍ଦରପୁର ହାଇସ୍କୁଲ ପଡ଼ିଆରେ ଏଥର ରଜ ମହୋତ୍ସବ ଧୂମଧାମ୍‌ରେ ପାଳିତ ହେବ । ପୂର୍ବବର୍ଷ ଏହା ୩ଦିନ ପାଳିତ ହୋଇଥିଲା। ତେବେ ଚଳିତବର୍ଷ ୧୩ ତାରିଖରୁ ୧୬ ତାରିଖ ଯାଏ ୪ଦିନ ଧରି ଉତ୍ସବ ପାଳିତ କରାଯିବ। ଏ ସମ୍ପର୍କରେ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟିର କର୍ମକର୍ତ୍ତା ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ମହୋତ୍ସବ କମିଟିର ସଭାପତି ସୁରେନ୍ଦ୍ର ନାଥ ରାଉତ ଏଥିରେ ପୌରୋହିତ୍ୟ କରିଥିଲେ। ସେ କହିଥିଲେ,ରଜ ଉତ୍ସବରେ ୪ଦିନ ଧରି ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ପାଇକ ଆଖଡ଼ା, ରଙ୍ଗଢୋଲି, ଶିଳ୍ପିକା, ରଙ୍ଗୋଲି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହାବ୍ୟତିତ ରଜ କୁଇନ୍ ପ୍ରତିଯୋଗିତା ସାଙ୍ଗକୁ ଚେସ, ତାସ୍, କବାଡି, ପୁଚି, ଶଙ୍ଖଫୁଙ୍କା, ହୁଳହୁଳି, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜନ କାର୍ଯ୍ୟକ୍ରମ ରହିଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାମଦୋଳି, ମୀନାବଜାର, ଠୁଙ୍କାପୁରୀର ବ୍ୟବସ୍ଥା କରାଯାଇଛି । ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର, ଉପଦେଷ୍ଟା ବୁଦ୍ଧିରାମ ପାଣିଗ୍ରାହୀ, ଡା. ହରେକୃଷ୍ଣ ରାଉତ ପ୍ରମୁଖ ପାଶ୍ଚାତ୍ୟ ସଂସ୍କୃତି ପ୍ରଭାବରେ ବୁଡ଼ି ଯାଉଥିବା ଓଡ଼ିଶା ସଂସ୍କୃତିକୁ ପୁନର୍ଜୀବିତ କରିବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି କହିଥିଲେ।

# ଚିତାପଦା, ରାମନଗର ଉତ୍ସବମୁଖର

## ମଧ୍ୟରାତ୍ରରେ ହେଲା ଦେବ ଦମ୍ପତିଙ୍କ ଶୁଭ ପରିଣୟ



ଶିବ ବିବାହ ଉତ୍ସବରେ ଶୋଭାଯାତ୍ରା।

**ବାହାନଗା,୮।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ପଞ୍ଚାୟତର ଚିତାପଦା ଗ୍ରାମର ବାବା ଚିତ୍ରେଶ୍ୱର ଓ ରାମନଗର ଗ୍ରାମର ବାବା ବିଶ୍ୱେଶ୍ୱରଙ୍କ ବିବାହ ଉତ୍ସବ ଶୁକ୍ରବାର ମଧ୍ୟରାତ୍ରରେ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତ ଓ କଳାକାରଙ୍କ ସମାବେଶରେ ସମଗ୍ର ପରିବେଶ ଉତ୍ସବମୁଖର ରହିଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ବରଧରା ସରିବା ପରେ ମହାଦେବ ବରଯାତ୍ରୀଙ୍କ ଗହଣରେ ବିବାହ ଲାଗି ମାତା ପାର୍ବତୀଙ୍କ ଘରକୁ ଯାଇଥିଲେ। ଶୀତଳ ଷଷ୍ଠୀ ତିଥିରେ ଆୟୋଜିତ ଏହି ହରପାର୍ବତୀ ବିବାହ ଉତ୍ସବରେ ବରଯାତ୍ରୀଗଣ ବିଭିନ୍ନ ଦେବଗଣ ବେଶରେ ଶୋଭାଯାତ୍ରାରେ ଯିବା ଆକର୍ଷଣ ସୃଷ୍ଟି କରିଥିଲା। ଚିତ୍ତାପଦାରେ ଚିତ୍ରେଶ୍ୱରଙ୍କ ବିବାହରେ ଜଳେଶ୍ୱରର କୀର୍ତ୍ତନ ମଣ୍ଡଳୀ, କେନ୍ଦ୍ରାପଡାର ଷଣ୍ଢନାଚ, ବ୍ରହ୍ମପୁରର କିନ୍ନର ନାଚ ସମେତ ବ୍ୟାଣ୍ଡ ପାର୍ଟି, ପୁରୀର ଘଣ୍ଟୁଆ, ଅନୁଗୋଳର ମେଲୋଡ଼ି ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାମନଗରରେ ବାବା ବିଶ୍ୱେଶ୍ୱରଙ୍କ ବରଯାତ୍ରୀ ଦଳରେ ଯମ, ହନୁମାନ, ଦେବଗଣ, ରାକ୍ଷସ ଗଣ, ନନ୍ଦି, ଭୃଙ୍ଗି, ନାରଦ, ଶ୍ରୀକୃଷ୍ଣଙ୍କ ବେଶଧାରୀ ଭକ୍ତଙ୍କ ସମେତ ନଗର କୀର୍ତ୍ତନ, ଷଣ୍ଢ ନାଚ, ବ୍ୟାଣ୍ଡ ପାର୍ଟି, ଡାକ ବାଜା, ଦୁଲ୍‌ଦୁଲି ନାଚ, ପୁରୀର ସମରସଜ୍ଜା ସହିତ ଅତ୍ୟାଧୁନିକ ନାଚ ଦଳ ଯୋଗ ଦେଇଥିଲେ। ଉତ୍ସବରେ ଅତିଥି ଭାବେ ନୀଳଗିରିର ସନ୍ତୋଷ ଖଟୁଆ ଯୋଗ ଦେଇଥିଲେ। ସେହିପରି ଖନ୍ତାପଡ଼ା ହରପାର୍ବତୀ ବିବାହ କମିଟିର ସଭାପତି ଚନ୍ଦନେଶ୍ୱର ବେହେରା, ଆୟୋଜକ ଉଗ୍ରସେନ ଜେନା, ଧ୍ରୁବ ନାରାୟଣ ପଣ୍ଡା, କେଦାର ପଣ୍ଡା ଏବଂ ବାବା ଚିତ୍ରେଶ୍ୱର ମହାଦେବଙ୍କ ବିବାହ ଉତ୍ସବରେ ନୀଳଗିରିର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସମାଜସେବୀ ସୁଷମା ରାଣୀ ବିଶ୍ୱାଳ, ରାକେଶ ମଳିକ, ମନୀଷା ଚିନ୍ମୟୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଦିଲ୍ଲୀପ କୁମାର ଦାସ କାର୍ଯ୍ୟକ୍ରମରେ ମୁଖ୍ୟ ଆୟୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ।

# ହରିଶଚନ୍ଦ୍ର ଜେନାଙ୍କ ଶ୍ରାଦ୍ଧ ଦିବସରେ ଚକ୍ଷୁ ଚିକିତ୍ସା ଶିବିର

**ଜଳେଶ୍ୱର,୮।୬(ଡି.ଏନ.ଏ.)**

ସ୍ୱର୍ଗତଃ ଡା. ହରିଶଚନ୍ଦ୍ର ଜେନାଙ୍କ ୧୨ତମ ଶ୍ରାଦ୍ଧ ଦିବସ ଶନିବାର ତାଙ୍କ ଜନ୍ମସ୍ଥାନ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଗୋପିମୋହନପୁର ପଞ୍ଚାୟତ କଲ୍ୟାଣପୁର ଗ୍ରାମରେ ପାଳିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଚକ୍ଷୁ ପରୀକ୍ଷା ଶିବର ଆୟୋଜିତ ହୋଇଥିଲା। କଲ୍ୟାଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ହରିଶଚନ୍ଦ୍ର ସୁଦୂର ବିହାରର ରାଜଧାନୀ ପାଟଣା ସ୍ଥିତ ମେଡିକାଲ ବିଶ୍ୱବିଦ୍ୟାଳୟରୁ ଡାକ୍ତରୀ ଡିଗ୍ରୀ ପାସ୍ କରି ସମଗ୍ର ଉତ୍ତର ଓଡ଼ିଶାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ସୁନାମ ଅର୍ଜନ କରିଥିଲେ। ସେ ବାଲେଶ୍ୱର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଗଠନ ସହିତ ଗୋପୀମୋହନପୁର ପଞ୍ଚାୟତ ଛମୌଜ ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କ୍ଷେତ୍ରରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଗରିବ ଲୋକଙ୍କୁ ଅଳ୍ପ ଖର୍ଚ୍ଚରେ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ସ୍ୱର୍ଗତଃ ଜେନା ନିଜେ ଏକ ଘରୋଇ ନର୍ସିଂ ହୋମ୍ ପ୍ରତିଷ୍ଠା କରିଥିଲେ।

ଶ୍ରାଦ୍ଧ ଦିବସ ଅବସରରେ ତାଙ୍କ ପୁତୁରା ଲକ୍ଷ୍ମୀନାରାୟଣ ଜେନା, ଝିଅ ଅନିମା ସାମଲଙ୍କ ଉଦ୍ୟମରେ ବାଲେଶ୍ୱର ରୋଟାରୀ କ୍ଲବ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ରୋଟାରୀ କ୍ଲବ ଅଧକ୍ଷ କଲ୍ୟାଣ କୁମାର ଚନ୍ଦ, ଚକ୍ଷୁ ସହାୟକ ଦେବେନ୍ଦ୍ର ରାଉତ, କର୍ଣ୍ଣେଲ ବିଦ୍ୟାଧର ସିଂ, ଅଙ୍କିତା କର, ବାସୁମତୀ ଲାକ୍ରା, ଧନଞ୍ଜୟ ବାରିକ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଚକ୍ଷୁ ପରୀକ୍ଷା କରି ୧୭୦ ଜଣଙ୍କୁ ଔଷଧ ଓ ଚଷମା ବଣ୍ଟନ କରିଥିଲେ। ଏହି ଶିବିର ପରିଚାଳନାରେ ଗ୍ରାମର ମୁଖ୍ୟ ଜନାର୍ଦ୍ଦନ ଦାସ, ସମ୍ପାଦକ ହରିବାସ ଦାସ, ବିଜୟ ଜେନା, ପିତାମ୍ବର ଜେନା, କାର୍ତ୍ତିକ ଜେନା, ଶିକ୍ଷକ ମନୋରଞ୍ଜନ ଦାସ, ବନବିହାରୀ ଦାସ, ଦୁର୍ଗାପଦ ଜେନାଙ୍କ ସମେତ ଗ୍ରାମବାସୀ ଓ ଯୁବ ସଂଗଠନ ପରିଚାଳନାରେ ସହଯୋଗ କରିଥିଲେ।



ଚକ୍ଷୁ ଚିକିତ୍ସା ଶିବିରରେ ରୋଗୀଙ୍କୁ ପରୀକ୍ଷା କରାଯାଉଛି।

# ନିଆରା ପ୍ରତିଭା ରଞ୍ଜନ

**ବାଲେଶ୍ୱର ଅଫିସ,୮।୬**



ନିଜ ଦୋକାନରେ ରଞ୍ଜନ କୁମାର ଦାଶ।

- ନିଶା ବହି ଲେଖିବା ଓ ଲାଇଭ୍ ଶୋ'ରେ ଭାଗ ନେବା
- ପେସା ପାନ ଦୋକାନ, ପିଟିଶନ ଲେଖା
- ପାଣ୍ଡୁଲିପିରେ ବନ୍ଧା ହୋଇ ରହିଛି ଅସଂଖ୍ୟ ଗଳ୍ପ, କବିତା

ସମସ୍ତଙ୍କ ଭିତରେ କିଛି ନା କିଛି ପ୍ରତିଭା ରହିଛି। ପରିସ୍ଥିତି ଚାପରେ ମଣିଷର ନିଶା ଓ ପେସା ଅଲଗା ହେଲେ ପ୍ରତିଭାର ବିକାଶ ଲାଗି ସୁଯୋଗ ମିଳି ନ ଥାଏ। କିନ୍ତୁ ପରିସ୍ଥିତି ଆଗରେ ହାର୍ ନ ମାନି ଆଗକୁ ବଢ଼ିବା ଦରକାର ବୋଲି ବାଲେଶ୍ୱରର ଫାଣ୍ଡିଛକରେ ପାନଦୋକାନ କରି ପରିବାର ଚଳାଉଥିବା ଉଚ୍ଚଶିକ୍ଷିତ ଯୁବକ ରଞ୍ଜନ କୁମାର ଦାଶ କହିଛନ୍ତି।

୧୯୮୮ରେ ସେ ଭଦ୍ରକ କଲେଜରୁ ଓଡ଼ିଆରେ ଏମ୍ଏ ପାସ୍ କରିଥିଲେ। ଏହାପରେ ସେ ଆଇନ୍ ଛାତ୍ର ହେବାକୁ ମନ ବଳାଇଥିଲେ। ପାରିବାରିକ ଆର୍ଥିକ ଦୁରବସ୍ଥା ଏଥିରେ ଅନ୍ତରାୟ ସାଜିଥିଲା। ଏହା ସତ୍ତ୍ୱେ ସେ ଭଦ୍ରକର ତତ୍କାଳୀନ ବରିଷ୍ଠ ଆଇନ୍‌ଜୀବୀ ବିଶ୍ୱଭୂଷଣ ଦାଶଙ୍କ ପାଖରେ କିଛି ଦିନ କାମ କରି ତାଙ୍କଠାରୁ ଆଇନ ବ୍ୟବସ୍ଥା ଓ ପିଟିଶନ୍ ଲେଖା ସମ୍ପର୍କରେ କିଛି ଜ୍ଞାନ ଅର୍ଜନ କରିଥିଲେ। ୨୦୦୯ରେ ପରିବାର ପୋଷଣ ଲାଗି ସେ ବାଲେଶ୍ୱର ସହରକୁ ଚାଲି ଆସି ପାନ ଦୋକାନ ଖୋଲିଥିଲେ। ତାଙ୍କର ବ୍ୟବହାର ଓ ବ୍ୟକ୍ତିତ୍ୱ ବ୍ୟବସାୟ ବଢାଇବାରେ ସାହାଯ୍ୟ କରିଥିଲା। ଛାତ୍ରାବସ୍ଥାରୁ ଲେଖାଲେଖି କରିବା ଏବଂ ସାମାଜିକ ସଚେତନତା ସୃଷ୍ଟି କରିବା ଅଭ୍ୟାସ ଓ ନିଶା ତାଙ୍କୁ ସବୁବେଳେ କର୍ମପ୍ରବଣ କରି ଆସିଛି। ଦୋକାନରେ କାମ କରିବା ବେଳେ ବ୍ୟସ୍ତତା ସତ୍ତ୍ୱେ ସେ ନିୟମିତ କିଛି ନା କିଛି ଲେଖାଲେଖି କରନ୍ତି । ଆଇନ ସମ୍ବନ୍ଧରେ ସମ୍ୟକ ଜ୍ଞାନ ଲାଭ କରିଥିବାରୁ ସ୍ଥାନୀୟ କୋର୍ଟରେ କାମ କରୁଥିବା ଓକିଲଙ୍କଠାରୁ ବିଭିନ୍ନ ପ୍ରକାର ପିଟିଶନ୍ ଲେଖିବା ପାଇଁ ବରାଦ ଆଣିଥାନ୍ତି। ଉଭୟ ଦୋକାନ ଓ ପିଟିଶନ୍ ଲେଖା କାମରୁ ହେଉଥିବା ଆୟରେ ପରିବାର ଚଳାଇ ଏବେ ନିଜ ପିଲାଙ୍କୁ ପାଠ ପଢାଇ ଭଲ ମଣିଷ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ରଞ୍ଜନ କହନ୍ତି, ତାଙ୍କର ପେସା ପାନ ଦୋକାନ କିନ୍ତୁ ନିଶା ବହି ଲେଖିବା । ସମାଜରେ ସଚେତନା ସୃଷ୍ଟି କରିବା ଲାଗି ସେ ବିଭିନ୍ନ ଟିଭି ଚ୍ୟାନେଲ୍‌ର ଲାଇଭ୍ ଶୋ' ଓ ଫୋନ ଇନ୍ କାର୍ଯ୍ୟକ୍ରମରେ ମଧ ଭାଗ ନେଇଥାନ୍ତି। ନାରୀ ନିର୍ଯାତନା, ଅପରାଧ, ଧର୍ମ, ସଂସ୍କୃତି, ସଭ୍ୟତା, ପରମ୍ପରା, ଐତିହ୍ୟ ଭଳି ସାମାଜିକ ସମସ୍ୟା ଉପରେ ସେ ବିଭିନ୍ନ ଗଳ୍ପ ଓ କବିତା ଲେଖିଛନ୍ତି। ଅର୍ଥାଭାବ ଏବଂ ଭଲ ପ୍ରକାଶକ ନ ମିଳିବାରୁ ତାଙ୍କର ଲେଖା ଏଯାଏଁ ପାଣ୍ଡୁଲିପି ହୋଇ ପଡ଼ି ରହିଛି। ଯୁବପିଢି ମଧ୍ୟରେ ଜାଗରଣ ଆସିଲେ ସମାଜ ଜୀବନ ବିକଶିତ ପାରିବ ବୋଲି ସେ ବିଶ୍ୱାସ କରିଥାନ୍ତି। ତାଙ୍କର ଦୈନନ୍ଦିନ ଜୀବନ ବେଶ୍ ନିଆରା।

ପୂର୍ବାହ୍ନ ୭ ସୁଦ୍ଧା ଦୋକାନ ଖୋଲି ଅପରାହ୍ନ ୧ଟା ପର୍ଯ୍ୟନ୍ତ ରହନ୍ତି। ପରେ ମଧ୍ୟାହ୍ନଭୋଜନ କରିବାକୁ ଯାଇ ଅପରାହ୍ନ ୪ରୁ ରାତି ୯ଟା ପର୍ଯ୍ୟନ୍ତ ପୁଣି ପାନ ଦୋକାନ ଖୋଲଥାନ୍ତି। ରାତି ସାଢେ ୯ଟା ବେଳକୁ ଘରେ ପହଞ୍ଚି ପ୍ରାୟ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ପିଟିଶନ ଲେଖା କାର୍ଯ୍ୟରେ ସମୟ ଦେଇଥାନ୍ତି। ରେଟିଭ୍ ପିଟିଶନ୍, ରିକ୍ ପିଟିଶନ୍, ଜାମିନ ପିଟିଶନ୍, କମ୍ପରମାଇଜ୍ (ରଫାନାମା) ପିଟିଶନ୍ ଲେଖିବାରେ ସେ ବେଶ୍ ଧୁରନ୍ଧର। ସମୟକୁ ଠିକ୍ ଭାବେ ବିନିଯୋଗ କରି ସେ ପିଟିଶନ୍ ଲେଖିବା ସହ ସୃଜନଶୀଳ ଲେଖାଲେଖି କରିଥାନ୍ତି। ରାତି ପ୍ରାୟ ୨ଟା ବେଳେ ବିଛଣାକୁ ଶୋଇବା ପାଇଁ ଯାଇ ପୁଣି ସକାଳ ୬ଟାରୁ ଉଠି ନିତିଦିନର କାର୍ଯ୍ୟ କରିଥାନ୍ତି।

ରଞ୍ଜନଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲା ଧାମନଗର ଥାନା ଅଧୀନ କରଦା ଗ୍ରାମରେ । ପିତାଙ୍କ ନାମ ରାଜଗୋବିନ୍ଦ ଦାଶ। ବର୍ତ୍ତମାନ ତାଙ୍କ ପରିବାର କହିଲେ ସ୍ତ୍ରୀ ରଞ୍ଜିତା ଓ ଦୁଇ ଝିଅପୁଅ। ରଞ୍ଜିତା ଗୃହିଣୀ । ବଡ଼ପୁଅ ଅଭିଜିତ୍ ଏବେ କଲିକତାରେ କଷ୍ଟିଂ ପଢୁଛନ୍ତି। ଝିଅ ଶୁଭଶ୍ରୀ ଧାମନଗର ମହାବିଦ୍ୟାଳୟରେ ଯୁକ୍ତ୨ରେ ଅଧ୍ୟୟନରତ। ଲେଖାଲେଖି କରିବା ସାଙ୍ଗକୁ ବିଭିନ୍ନ ଲାଇଭ ଶୋ' ଏବଂ ଫୋନ୍‌ଇନ୍ କାର୍ଯ୍ୟକ୍ରମରେ ଭାଗନେଇ ସେ ଆତ୍ମସନ୍ତୋଷ ପାଇବା ସହ ଯଥେଷ୍ଟ ସମ୍ମାନ ଅର୍ଜନ କରିଛନ୍ତି। ସେ ଦୃଢତାର ସହ କହନ୍ତି,ଭଗବାନ ସମସ୍ତଙ୍କ ପାଇଁ କିଛି ନା କିଛି ପ୍ରତିଭା ଓ କର୍ମ ନିର୍ଦ୍ଧାରଣ କରିଛନ୍ତି। ତାକୁ ଠିକ୍ ଭାବେ କାମରେ ଲଗାଇ ପାରିଲେ ଜଣେ ସମାଜରେ ନିଜ ପରିଚୟ ସୃଷ୍ଟି କରିପାରିବ ।

# ଯୁକ୍ତ ୩ ପରୀକ୍ଷା ଫଳ: କମିଲା ପାସ୍ ହାର

**ଭଦ୍ରକ ଅଫିସ, ୮।୬**

**ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ**
- ପୁଣି ଛାତ୍ରୀ ଆଗରେ
- ୧୯ ଟପ୍ପରଙ୍କ ମଧ୍ୟରୁ ୧୪ ଛାତ୍ରୀ, ୫ ଛାତ୍ର

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ପୂର୍ବବର୍ଷ ଭଳି ଏଥର ମଧ୍ୟ ଛାତ୍ରୀ ଆଗରେ ଅଛନ୍ତି। ମୋଟ ୧୯ ବିଭାଗ ମଧ୍ୟରୁ ୧୪ଟିରେ ଛାତ୍ରୀ ଓ ୫ଟିରେ ଛାତ୍ର ଟପ୍ପର ହୋଇଛନ୍ତି। ବିଜ୍ଞାନ ବିଭାଗ ଗଣିତ ସମ୍ମାନରେ ରାହୁଲ ଆନନ୍ଦ ସିଂ ୧୨୯୩, କଳାରେ ସଂସ୍କୃତ ବିଭାଗରେ ଜ୍ୟୋସ୍ନାରାଣୀ ଜେନା ୧୧୪୨ ଓ ବାଣିଜ୍ୟରେ ବସୁଧା ଶର୍ମା ୧୧୦୮ ନମ୍ବର ରଖି ଟପ୍ପର ହୋଇଛନ୍ତି। ୩ ଷ୍ଟ୍ରିମର ୧୯ଟି ସମ୍ମାନ ବିଭାଗ ମଧ୍ୟରୁ ଇତିହାସ, ଦର୍ଶନଶାସ୍ତ୍ର, ରାଜନୀତି ବିଜ୍ଞାନ, ଗଣିତ ଓ କମ୍ପ୍ୟୁଟର ସାଇନ୍ସକୁ ବାଦ୍ ଦେଲେ ଅନ୍ୟ ୧୪ ବିଭାଗରେ ଆଗରେ ଅଛନ୍ତି ଛାତ୍ରୀ। ୭୯.୨୭ ପ୍ରତିଶତ ପାସ୍ ହାର ରହିଥିବା ବେଳେ ଗତବର୍ଷ ତୁଳନାରେ ଚଳିତବର୍ଷ କମିଥିବା ସୂଚନା ମିଳିଛି।

ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଅନୁଯାୟୀ, ଗତବର୍ଷର କଳା ପାସ୍ ହାର ୯୦.୬୧ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ୮୫.୯ ପ୍ରତିଶତକୁ କମିଛି। ସେହିପରି ଗତବର୍ଷ ବିଜ୍ଞାନରେ ୮୧.୫୩ ପ୍ରତିଶତ ପାସ୍ ହାର ଥିବାବେଳେ ଚଳିତବର୍ଷ ୮୧, ବାଣିଜ୍ୟରେ ପୂର୍ବବର୍ଷ ୮୬.୫୫ ପ୍ରତିଶତ ଥିବାବେଳେ ଏଥର ୬୮.୧୮ ପ୍ରତିଶତ ରହିଛି। ଗଣିତ ସମ୍ମାନ ଟପ୍ପର ରାହୁଲ କଲେଜ ଟପ୍ପର ଘୋଷିତ ହୋଇଛନ୍ତି। କଳାରେ ସଂସ୍କୃତ ବିଭାଗର ଜ୍ୟୋସ୍ନାରାଣୀ ଓ ବାଣିଜ୍ୟରେ ବସୁଧା ଟପ୍ପର ହୋଇଛନ୍ତି। ସେହିଭଳି ଅର୍ଥନୀତିରେ ସାବିତ୍ରୀ ଦାଶ ୧୦୦୭, ଶିକ୍ଷାରେ ମଞ୍ଜୁଲତା ସାହୁ ୧୦୯୨, ଇଂଲିଶରେ ସଙ୍ଗୀତା ପାଣିଗ୍ରାହୀ ୮୮୫, ହିନ୍ଦୀରେ ତାପସୀ ବେହେରା ୧୦୦୪, ଇତିହାସରେ ବିଜୟ କୁମାର ନାଇକ ୮୯୪, ଓଡ଼ିଆରେ ଅନିତା ଧଳ ୧୧୩୭, ଦର୍ଶନଶାସ୍ତ୍ରରେ ମଧୁସୂଦନ ମାଝି ୯୩୫, ରାଜନୀତି ବିଜ୍ଞାନରେ ସଞ୍ଜୟ କୁମାର ସାହୁ ୧୦୦୫, ମନସ୍ତତ୍ତ୍ୱ ବିଜ୍ଞାନରେ ଜୟଶ୍ରୀ ମଲ୍ଲିକ ୧୦୯୪, ସାମାଜ ବିଜ୍ଞାନରେ ଲଳିତା ଦାସ ୧୦୪୯, ଉର୍ଦ୍ଦୁରେ ନିଖତ ଫିର୍ଦ୍ଦୋସ ୧୦୦୮ ନମ୍ବର ରଖି ଶୀର୍ଷରେ ଅଛନ୍ତି। ବିଜ୍ଞାନ ସମ୍ମାନ ବିଭାଗରେ ଉଦ୍ଭିଦ ବିଜ୍ଞାନରେ ଗାୟତ୍ରୀ ପରିଡ଼ା ୧୨୧୯, ରସାୟନ ବିଜ୍ଞାନରେ ବିଦ୍ୟୁତପ୍ରଭା ମଳିକ ୧୧୬୦, ଭୌତିକ ବିଜ୍ଞାନରେ ଦୀପ୍ତିମୟୀ ସାହୁ ୧୨୨୫, ପ୍ରାଣୀବିଜ୍ଞାନରେ ରଶ୍ମିରେଖା ମୁଦୁଲି ୧୧୮୯ ଓ କମ୍ପ୍ୟୁଟର ସାଇନ୍ସରେ ହିମାଂଶୁ ଶେଖର ସାହୁ ୧୧୬୧ ନମ୍ବର ରଖି ଟପ୍ପର ହୋଇଛନ୍ତି। କଲେଜର ମୋଟ ୮୭୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୬୯୬ ଜଣ ପାସ୍ କରିଛନ୍ତି। କଳାରେ ୩୬୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୧୩ ଜଣ ପାସ୍ ହୋଇଛନ୍ତି। ସେହିପରି ବିଜ୍ଞାନରେ ୨୫୦ ଜଣଙ୍କ ମଧ୍ୟରୁ ୨୦୩ ଏବଂ ବାଣିଜ୍ୟରେ ୨୬୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଧ୍ୟକ୍ଷ ଡ. ପ୍ରସନ୍ନ ବିଶ୍ୱାଳଙ୍କ ଦ୍ୱାରା ପରୀକ୍ଷା ଫଳାଫଳ ପୁସ୍ତିକା ପ୍ରକାଶିତ ହୋଇଥିଲା। ପରୀକ୍ଷା ନିୟନ୍ତ୍ରକ ଡ. ମୃତ୍ୟୁଞ୍ଜୟ ଦାସ, ସହ ପରୀକ୍ଷା ନିୟନ୍ତ୍ରକ ଲକ୍ଷ୍ମୀକାନ୍ତ ନାୟକ, ସେକ୍ସନ ହେଡ୍ ସୁରେଶ ଚନ୍ଦ୍ର ରାଉତ, ପ୍ରାଧ୍ୟାପକ ଦୁର୍ଗାଶଙ୍କର ଦାସ, ଡ. ସୁବୋଧ ଚନ୍ଦ୍ର ମିଶ୍ର ଓ ଡ. ପଦ୍ମନାଭ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ପରୀକ୍ଷା ଫଳ ପୁସ୍ତିକା ପ୍ରକାଶ କରାଯାଉଛି।



ଟପ୍ପର ବସୁଧା ଶର୍ମା, ଜ୍ୟୋସ୍ନାରାଣୀ ଜେନା, ରାହୁଲ ଆନନ୍ଦ ସିଂ।

# ଶର୍ମିଷ୍ଠାଙ୍କ ପଢ଼ା ଖର୍ଚ୍ଚ ବହନ କରିବ ବିଏସ୍ଇଟି

**ଭଦ୍ରକ ଅଫିସ, ୮।୬**

ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଶର୍ମିଷ୍ଠା ସାମଲ ୫୨୫ ନମ୍ବର ରଖି ମହାବିଦ୍ୟାଳୟ ସମେତ ଜିଲା ଟପ୍ପର ହୋଇଛନ୍ତି। ଶନିବାର ନୂଆବଜାରସ୍ଥିତ ବିଏସ୍ଇଟି(ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି) ସୋସାଇଟି କାର୍ଯ୍ୟାଳୟରେ ଶର୍ମିଷ୍ଠାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବିଏସ୍ଇଟି ସୋସାଇଟି ସଭାପତି ପ୍ରୟାସକାନ୍ତି ସାମଲ, ଜିଲା ଛାତ୍ର ବିଜେଡି ସଭାପତି ତଥାଗତ ସାମଲ ଓ ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ଗରିବ ମେଧାବୀ ଛାତ୍ରୀ ଶର୍ମିଷ୍ଠାଙ୍କ ସମସ୍ତ ପାଠପଢ଼ା ଖର୍ଚ୍ଚ ସୋସାଇଟି ବହନ କରିବ ବୋଲି ଘୋଷଣା କରାଯାଇଛି। ଏଥିସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି। ଶର୍ମିଷ୍ଠାଙ୍କ ଘର ଚାନ୍ଦବାଲି ବ୍ଲକର ମତୋ ମାଳବାଡ଼ ଗ୍ରାମରେ। ତାଙ୍କ ବାପା ରତିକାନ୍ତ ଜଣେ ଶ୍ରମିକ ଓ ମା' ଅନିତା ଗୃହିଣୀ। ଆଗକୁ ବିଏସ୍ସି ପଢ଼ି ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିବା ଶର୍ମିଷ୍ଠା କହିଛନ୍ତି।



ବିଏସ୍ଇଟି ସୋସାଇଟି କାର୍ଯ୍ୟାଳୟରେ ଶର୍ମିଷ୍ଠାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଦେବଦମ୍ପତିଙ୍କ ବିବାହ ଉତ୍ସବ

**ଭଣ୍ଡାରିପୋଖରୀ, ୮।୬ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ମନ୍ଦିରରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ବନ୍ଦାଳୋଠାରେ ଥିବା ଗଡେଶ୍ୱରଜୀଉ ମହାଦେବଙ୍କ ବିବାହ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ମହିଳାମାନେ ବୈତରଣୀ ନଦୀରୁ ଘଟୋତ୍ତୋଳନ କରି ଶୋଭାଯାତ୍ରାରେ ଯାଇ ମନ୍ଦିର ପରିସରରେ ସ୍ଥାପନା କରିଥିଲେ। ପ୍ରାରମ୍ଭିକ ପୂଜା ସହ ରୁଦ୍ରାଭିଷେକ କରାଯାଇଥିଲା। ଗଡେଶ୍ୱର ମହାଦେବ ଗ୍ରାମଦେବତୀ ମା' ବୁଢ଼ୀ ଜାଗୁଲାଇଙ୍କୁ ବିବାହ କରିଥିଲେ। ଖପୁରିଆପଦା ମା' ଦକ୍ଷିଣକାଳୀ ମନ୍ଦିରରେ କନ୍ୟା ପିତାମାତା ଭାବେ ପୂଜକ ଚୌଧୁରୀ ଭରତ ନନ୍ଦ ଓ ନିରୁପମା ନନ୍ଦ ଦାୟିତ୍ୱ ତୁଲାଇଥିଲେ। ବର ପିତାମାତା ଭାବେ ପ୍ରଦୀପ କୁମାର ଜେନା ଓ ପଦ୍ମାବତୀ ଜେନା ଦାୟିତ୍ୱ ନିର୍ବାହ କରିଥିଲେ। ବହୁ ଶ୍ରଦ୍ଧାଳୁ ଗଡେଶ୍ୱରଙ୍କ ବରଯାତ୍ରୀ ଭାବେ ଶୋଭାଯାତ୍ରାରେ ଆଦ୍ୟକାଳୀଙ୍କ ପୀଠକୁ ଯାଇଥିଲେ। ବିବାହ କାର୍ଯ୍ୟ ସମାପନ ପରେ ବିଳମ୍ବିତ ରାତିରେ ଗଡେଶ୍ୱର ମହାଦେବ ମନ୍ଦିରକୁ ଫେରିଥିଲେ। ସେହିପରି ଦକ୍ଷିଣବାଡ଼ ପଞ୍ଚାୟତ ପାଳଦା ଉତ୍ତରବାଡ଼ ଗ୍ରାମର ଯମେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ହୋଇଥିଲା। ବରପିତା ଗିରୀଶ ଚନ୍ଦ୍ର ସାହୁ ଓ କନ୍ୟାପିତା ହରେକୃଷ୍ଣ ପଣ୍ଡାଙ୍କ ଦ୍ୱାରା ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ନଳାଙ୍ଗର ବାବା ନଳେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ରାତିରେ ସମ୍ପନ୍ନ ହୋଇଥିଲା। ବାବା ନଳେଶ୍ୱର ବାଜାବାଣ ରୋଶଣିରେ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଗ୍ରାମର ରାଧାକୃଷ୍ଣ ମନ୍ଦିରକୁ ଯାଇଥିଲେ। ବର ପିତାମାତା ଭାବେ ମହେଶ୍ୱର ବେହେରା, ଚାରୁଲତା ବେହେରା ଏବଂ କନ୍ୟା ପିତାମାତା ଭାବେ ପ୍ରଭାତ ଖିଲାର ଓ ଅସୀମା ଖିଲାର ଦାୟିତ୍ୱ ତୁଲାଇଥିଲେ।

# ତାଳପଦାରେ ପାଠାଗାର ଉଦ୍‌ଘାଟିତ

**ତିହିଡ଼ି, ୮।୬ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ତାଳପଦା ଗ୍ରାମରେ ମୀନାଲତା ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ତିହିଡ଼ି ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ କାନ୍ତକବି କଲ୍ୟାଣ ମଣ୍ଡପରେ ସଭା ଅନୁଷ୍ଠିତ ହୋଇଥିଲା। ପାଠାଗାରର କାର୍ଯ୍ୟକାରୀ ସଭାପତି ବିଶ୍ୱରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାକୁ ଆଇନଜୀବୀ ଗୌରହରି ମହାନ୍ତି ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ କବି ହୃଦାନନ୍ଦ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଜିଲାପରିଷଦ ସଭ୍ୟ ଚିନ୍ତାମଣି ଦାସ, ପାଠାଗାର ସଭାପତି ରାକେଶ ମହାପାତ୍ର, ଉଦ୍ୟୋକ୍ତା ଆଦିଦେବ ମହାପାତ୍ର ଓ ଆଦିଶ୍ରୀ ମହାପାତ୍ର ଯୋଗଦେଇଥିଲେ। ସମ୍ପାଦକ ଚକ୍ରଧର ମହାନ୍ତି ବିବରଣୀ ପାଠ କରିଥିଲେ। କଣ୍ଠଶିଳ୍ପୀ ଅଜୟ ପ୍ରଧାନ ଓ ସହଯୋଗୀମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ଲତିକା ସୁନ୍ଦରୀ ଦାସମହାପାତ୍ର ଧନ୍ୟବାଦ ଦେଇଥିଲେ। ନିତ୍ୟସୁନ୍ଦର ମହାପାତ୍ର, ଟ୍ୱିଙ୍କିଲ୍ ମହାପାତ୍ର, ଆଶିଷ ଶୁକ୍ଳ, କୁଳମଣି ମହାପାତ୍ର, ଦିଲୀପ ମହାନ୍ତି, କୃପାସିନ୍ଧୁ ଖୁଣ୍ଟିଆ, ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ମିଶ୍ର ଓ ପ୍ରଦୀପ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ପ୍ରଶାସନିକ ଅଧିକାରୀ ବଙ୍କିମଙ୍କ ସ୍ମୃତିସଭା

**ଧାମନଗର, ୮।୬ (ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀ ପୂଜ୍ୟପୂଜା ସଂସଦ ଗୃହରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୂର୍ବତନ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ବଙ୍କିମ ଚନ୍ଦ୍ର ରାଉତଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବାବାଜୀ ଚରଣ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ବାହାରବିଲରେ ୧୯୩୭ ମସିହାରେ ଜମିଦାର ପରିବାରରେ ଜନ୍ମଗ୍ରହଣ କରି ସ୍ୱର୍ଗତ ରାଉତ କୋଠାର ସରକାରୀ ହାଇସ୍କୁଲରେ ଶିକ୍ଷା ଅଧ୍ୟୟନ କରିଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ। ଧାମନଗର ବ୍ଲକରେ ସେ ପ୍ରଥମ ଓଏଏସ୍ ଭାବେ ମନୋନୀତ ହୋଇ ତହସିଲଦାର, ବିଡିଓ ଏବଂ ଏସ୍‌ଡିଓ ଭାବେ କେନ୍ଦୁଝର, ଖୋର୍ଦ୍ଧା ଓ ଯାଜପୁରରେ ଦକ୍ଷ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ସେ ବିଭିନ୍ନ ଅନୁଷ୍ଠାନ ପାଇଁ ଜମି ଦାନ କରିଥିବା ବକ୍ତାମାନେ ପ୍ରକାଶ କରିଥିଲେ। ସେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ଜ୍ୟେଷ୍ଠ ଭ୍ରାତା। ତାଙ୍କ ବିୟୋଗରେ ଅପୂରଣୀୟ କ୍ଷତି ଘଟିଲା ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ମଞ୍ଚ ସମ୍ପାଦକ ଦୁର୍ଯ୍ୟୋଧନ ତରାଇ, ଉପସଭାପତି ଚନ୍ଦ୍ରଶେଖର ନାୟକ, କୋଷାଧ୍ୟକ୍ଷ ପରମାନନ୍ଦ ନାୟକ, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ପଣ୍ଡିତ ନୃସିଂହ ଚରଣ ନାୟକ, ପୂର୍ବତନ ପ୍ରଧାନଶିକ୍ଷକ ଶିଶିର ରାଉତ, ମଦନମୋହନ ପତି, ଅଭିରାମ ସାହୁ, ଡା. ଗିରୀଶ ଚନ୍ଦ୍ର ନାୟକ, ଆଡଭୋକେଟ ସୁବାସ ରାଉତ, ପୂର୍ବତନ ସେନା କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।



ସ୍ମୃତିସଭାରେ ଉପସ୍ଥିତ ଅତିଥି।

## ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ, ୮।୬**

ଭଦ୍ରକ ଚରମ୍ପାଠାରେ ମହାୱାର ଭବନରେ ରୋଟାରୀ କ୍ଲବ ମିଡ୍‌ଟାଉନ ଆନୁକୂଲ୍ୟରେ ନବନିର୍ବାଚିତ ବିଧାୟକ ତଥା ରୋଟାରିଆନ ସଞ୍ଜୀବ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ କ୍ଲବର ସଭାପତି ରୋଟାରିଆନ ସନାତନ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଚେୟାରମ୍ୟାନ ଶିଶିର ମିଶ୍ର ସଭା ପରିଚାଳନା କରିଥିଲେ। ରୋଟାରୀ ଗଭର୍ଣ୍ଣର ଅଜୟ ଅଗ୍ରୱାଲ ଉପସ୍ଥିତ ରହି ଭଦ୍ରକ ଜିଲା ତଥା ସହରର ବିକାଶ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଭଦ୍ରକରେ ଏକ ଡାଇଲୋସିସ୍ ସେଣ୍ଟର ଜୁନ୍ ମାସରେ କ୍ଲବ୍ ତରଫରୁ କାର୍ଯ୍ୟକାରୀ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶାନ୍ତନୁ ପାଣି(ରୋଟାରୀ ଗଭର୍ଣ୍ଣର ୨୦୨୧–୨୨) ବିକାଶମୂଳକ ବକ୍ତବ୍ୟ ରଖିଥିଲେ। ସଭାରେ ବାଲେଶ୍ୱର, ବାରିପଦା, ଜାରକା, ଭଦ୍ରକ ରୋଟାରୀ କ୍ଲବର ସଦସ୍ୟ ଓ ଭଦ୍ରକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ବିଧାୟକ ମଲ୍ଲିକ ଭଦ୍ରକ ସହରକୁ ସ୍ମାର୍ଟସିଟି, ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଏବଂ ଭଦ୍ରକରେ ମେଡିକାଲ କଲେଜ, ରୋଟାରୀ ଭବନ ଓ ବିଦ୍ୟାଳୟ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଅମିତ୍ ମଲ୍ଲିକ, ରତନଲାଲ ଗୁପ୍ତା, ବେଦପ୍ରକାଶ ଗୁପ୍ତା, ପ୍ରମୋଦ ଲଖାନୀ, ଅଶୋକ ଲଖାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫନୀ ପ୍ରଭାବିତଙ୍କୁ ସୌର ଲଣ୍ଠନ

**ଭଦ୍ରକ ଅଫିସ, ୮।୬**

ଫନୀରେ ପ୍ରଭାବିତ ପୁରୀ ଜିଲାର ଗ୍ରାମବାସୀଙ୍କୁ ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଗୃହୋପକରଣ ବଣ୍ଟନ କରାଯାଇଛି। ପୁରୀ ଜିଲା ପ୍ରଶାସନ ସହାୟତାରେ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଧରଣୀକୁଇ ପଞ୍ଚାୟତର ୬ଟି ଗ୍ରାମରେ ୧୦୦୦ ସୌର ଲଣ୍ଠନ ପ୍ରଦାନ କରାଯାଇଛି। ଜିଲା ସମାଜ କଲ୍ୟାଣ ବିଭାଗ, ବ୍ଲକ ଉନ୍ନୟନ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ସେବା ଅଧିକାରୀ, ନିର୍ବାଚିତ ପ୍ରତିନିଧି ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ସାମିଲ ହୋଇ ନହରବାଲି, କୁଆପଡ଼ା, ମାତାଳପୁର, ଖେତାନ୍ଦି, ଧରଣୀକୁଦ ଏବଂ ଯାଆଁଳା ଆଦି ଗ୍ରାମରେ ଫନୀ ପ୍ରଭାବିତ ୧୦୦୦ ଗୃହକୁ ସୌର ଲଣ୍ଠନ ବଣ୍ଟନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଫନୀ ପ୍ରଭାବରେ ପୁରୀ ଜିଲାରେ ବହୁ କ୍ଷୟକ୍ଷତି ହେବା ସହ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ସରବରାହ ପୁନରୁଦ୍ଧାର କାର୍ଯ୍ୟରେ ଆଦାନୀ ପାୱାର କମ୍ପାନୀର ୭୦ରୁ ଉର୍ଦ୍ଧ୍ୱ ଇଲେକ୍ଟ୍ରିସିଆନ ଯୋଗ ଦେଇଥିଲେ। ପିପିଲି ବ୍ଲକ ଓ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥାରେ ସେମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଉଲ୍ଲେଖନୀୟ ଯେ, ଆଦାନୀ ଗ୍ରୁପ ଓଡ଼ିଶାର ଫନୀ ପ୍ରଭାବିତ ଅଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। ଏଥିସହ ପୁରୀର ନୋଳିଆ ଏବଂ ଲାଇଫଗାର୍ଡଙ୍କୁ ଜୀବନଜୀବିକା ପାଇଁ ୧୨୦୦ ଚୌକି ବଣ୍ଟନ ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ମଶାରି ପ୍ରଦାନ କରିଥିବା ସୂଚନା ମିଳିଛି।



ସୌର ଲଣ୍ଠନ ପାଇଥିବା ଗ୍ରାମବାସୀ ଓ ଅନ୍ୟମାନେ।

## ସଂକ୍ଷେପରେ

### କାର୍ଯ୍ୟାଦେଶର ସମୟସୀମାକୁ ନେଇ ଅସନ୍ତୋଷ

**ଚାନ୍ଦବାଲି, ୮।୬ (ଡି.ଏନ.ଏ.):** ବିଜୁ ପକ୍କାଘର କାର୍ଯ୍ୟାଦେଶରେ ସମୟସୀମାକୁ ନେଇ ଚାନ୍ଦବାଲି ବ୍ଲକ ଗାନ୍ଧୀନଗରର ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। କେତେକ ଉତ୍ତ୍ୟକ୍ତ ଲୋକେ କାର୍ଯ୍ୟାଦେଶ ବାଣ୍ଟିବାକୁ ଯାଇଥିବା କର୍ମଚାରୀଙ୍କୁ ଗାଁରେ ଅଟକ ରଖିଥିଲେ। ପ୍ରକାଶ ଯେ, ୧୯୭୧ ମହାବାତ୍ୟାର ୪୬ବର୍ଷ ପରେ ଗାନ୍ଧୀନଗର ବାସିନ୍ଦାଙ୍କୁ ଗତବର୍ଷ ଘରଡିହ ପଟ୍ଟା ମିଳିଛି। ଗାନ୍ଧୀନଗରର ପ୍ରତି ପରିବାରକୁ ବିଜୁ ପକ୍କାଘର ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ନିର୍ବାଚନ ଆଚରଣ ବିଧି ଲାଗୁ କାରଣରୁ ଏହା ହିତାଧିକାରୀଙ୍କୁ ମିଳିବାରେ ବିଳମ୍ବ ହୋଇଥିଲା। ଗତମାସ ୨୯ ତାରିଖରେ ବିଜୁ ପକ୍କାଘର କାର୍ଯ୍ୟାଦେଶ ଦାବିରେ ଗାନ୍ଧୀନଗରବାସୀ ଚାନ୍ଦବାଲି ଏନ୍‌ଏସି ଅଫିସ୍ ଘେରାଉ କରିଥିଲେ। ଗତ ଗୁରୁବାର ଏନ୍‌ଏସି କର୍ମଚାରୀ ଗାନ୍ଧୀନଗରକୁ ଯାଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଯୋଜନାର ଅବଧି ୩ ମାସ ଥିବାବେଳେ ସେମାନଙ୍କୁ ବଣ୍ଟା ହୋଇଥିବା କାର୍ଯ୍ୟାଦେଶରେ ୮।୩।୨୦୧୯ ତାରିଖ ଲେଖା ହୋଇଛି। ଅର୍ଥାତ୍ ସମୟସୀମା ଅତିକ୍ରାନ୍ତ ହେବାକୁ ମାତ୍ର ଦୁଇଦିନ ବାକିଥିବା କାର୍ଯ୍ୟାଦେଶ ବଣ୍ଟନ ହୋଇଥିଲା। ଦୁଇଦିନ ମଧ୍ୟରେ ହିତାଧିକାରୀମାନେ କିପରି ଘର ତିଆରି କରିବେ ବୋଲି ଏନ୍‌ଏସି କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜୁନ୍ ମାସର ତାରିଖ ଥିବା କାର୍ଯ୍ୟାଦେଶ ଦେବାକୁ ସେମାନେ ଦାବି କରିଥିଲେ। ଏନ୍‌ଏସି କର୍ମଚାରୀ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଗାଁ ଲୋକେ କର୍ମଚାରୀଙ୍କୁ ଛାଡ଼ିଥିଲେ।

### ପାର୍ବତୀଙ୍କ ପାଣି ଗ୍ରହଣ କଲେ ସ୍ୱପ୍ନେଶ୍ୱର

**ତିହିଡ଼ି, ୮।୬ (ଡି.ଏନ.ଏ.) :** ପବିତ୍ର ଶୀତଳଷଷ୍ଠୀ ପର୍ବରେ ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମିର୍ଜାପୁର ଗ୍ରାମରେ ଶୁକ୍ରବାର ରାତିରେ ବାବା ସ୍ୱପ୍ନେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସ୍ଥିତ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ରାତି ୨ଟାରେ ସ୍ୱପ୍ନେଶ୍ୱର ମାତା ପାର୍ବତୀଙ୍କ ପାଣିଗ୍ରହଣ କରିଥିଲେ। ଶ୍ରୀହନୁମାନ ବରଧରା ରୂପେ ସ୍ୱପ୍ନେଶ୍ୱରଙ୍କ ପିତାଙ୍କ ଘରେ ପହଞ୍ଚିବା ପରେ ବରଧରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିବାହ ଉତ୍ସବରେ ସମସ୍ତ ଦେବଦେବୀ ଯୋଗଦେବାକୁ ହନୁମାନ ନିମନ୍ତ୍ରଣ ଜଣାଇଥିଲେ। ସ୍ୱପ୍ନେଶ୍ୱର ପିତାଙ୍କ ଘରୁ ଶୋଭାଯାତ୍ରାରେ ବାହାରି ତିହିଡ଼ି ବଜାର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲେ। କନ୍ୟାପିତା ଭାବେ ହରିପୁର ଗ୍ରାମର ସାଧୁଚରଣ ନାଥ ଓ ବରପିତା ଭାବେ ମିର୍ଜାପୁର ଗ୍ରାମର ଦେବେନ୍ଦ୍ର ନାଥ ବିବାହ କାର୍ଯ୍ୟ ତୁଲାଇଥିଲେ। ବିବାହ ବେଳେ ସ୍ୱପ୍ନେଶ୍ୱରଙ୍କୁ ବୃଷଭ, ନାଗନାଗୁଣୀ ଓ ଶ୍ମଶାନ ଜମି ଯୌତୁକ ରୂପେ ଦିଆଯାଇଥିଲା। ଏହି ଦେବଦମ୍ପତିଙ୍କ ବିବାହ ଉତ୍ସବରେ ଗ୍ରାମବାସୀ ପାର୍ଥସାରଥି ନାୟକ, ରମାକାନ୍ତ ନାଥ, ସଚିକାନ୍ତ ନାୟକ, ବିଷ୍ଣୁ ଦାଶ, ପି. ହୃଷୀକେଶ, କୈଳାସ ବେହେରା, ଶରତ କର, ଧନେଶ୍ୱର ବାରିକ, ଜଗନ୍ନାଥ ବେହେରା, ଅଶୋକ କର, ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ।

### ଏବିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୮।୬ (ଡି.ଏନ.ଏ.):** - ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ(ଏବିଇଓ) ଧୀରେନ୍ଦ୍ର ନାଥ ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଇଓ ଦୀପକ କୁମାର ପାଢ଼ୀ, ଏବିଇଓ ଅଭିମନ୍ୟୁ ପ୍ରଧାନ, କୁଳମଣି ପତି, ବ୍ଲକର ବିଭିନ୍ନ ଶିକ୍ଷା ସଂଯୋଜକ, ପ୍ରଧାନ ଶିକ୍ଷକ, ପୂର୍ବତନ ଅନୁଶିକ୍ଷାଧିକାରୀ, କାର୍ଯ୍ୟାଳୟ କର୍ମଚାରୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଧୀରେନ୍ଦ୍ର ନାଥ ଦାଶ ୨୦୧୩ ନଭେମ୍ବର ୧୨ ତାରିଖରୁ ଭଣ୍ଡାରିପୋଖରୀରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ ଯୋଗଦେଇ ମଧ୍ୟାହ୍ନଭୋଜନ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଶିକ୍ଷାଧିକାରୀ ଭାବେ ସେ ପଦୋନ୍ନତି ପାଇଛନ୍ତି। ଉଲ୍ଲେଖନୀୟ ଯେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ମଧ୍ୟାହ୍ନଭୋଜନ ପରିଚାଳନା ସମ୍ପର୍କିତ ଏସ୍‌ଏମ୍‌ଏସ୍ ପ୍ରେରଣ ବ୍ୟବସ୍ଥାରେ ସେ ଭଦ୍ରକ ଜିଲାସ୍ତରରେ ପ୍ରଥମ ହୋଇଥିଲେ।

## ସେଲ୍‌ଫି କର୍ଣ୍ଣର



ରୋହିତ



ଅଶୋକ



କାବେରୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସାପ୍ତାହିକ କାର୍ଯ୍ୟକ୍ରମ

### ଭଦ୍ରକ

**୯।୬।୧୯**
- ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଧରିତ୍ରୀ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜେନ୍ଦ୍ର କୁମାର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ପାନ୍ଥନିବାସ, ମୋଟେଲଛକ, ଭଦ୍ରକ , ସମୟ: ପୂର୍ବାହ୍ନ ୧୧ଟା।

**୧୦।୬।୧୯**
- ଜିଲାର ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରାକ୍-ମୌସୁମୀ ପ୍ରସ୍ତୁତିର ସମୀକ୍ଷା, ସ୍ଥାନ: ଜିଲା ସଦ୍‌ଭାବନା ସଭାଗୃହ, ସମୟ : ଅପରାହ୍ନ ୪ଟା ୩୦।

**୧୧।୬।୧୯**
- ରାଜସ୍ୱ ଆଦାୟ ଓ ମକଦ୍ଦମା ଫଇସଲାର ସମୀକ୍ଷା, ସ୍ଥାନ: ବାସୁଦେବପୁର ତହସିଲ ଅଫିସ, ସମୟ: ମଧ୍ୟାହ୍ନ ୧୨ଟା।

**୧୨।୬।୧୯**
- -ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଧାମନଗର ବିଜ୍ଞାପିତ ଅଞ୍ଚଳ ଅଫିସ ପରିସର, ସମୟ: ଅପରାହ୍ନ ୧ଟା।

**୧୩।୬।୧୯**
- ସମାଜ ମଙ୍ଗଳ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ ଟା।

### ବାଲେଶ୍ୱର

**୯।୬।୧୯**
- ସ୍ୱତନ୍ତ୍ର ରଜ ପାନ ସମ୍ଭାର, ସ୍ଥାନ: ଫାଣ୍ଡିଛକ, ସମୟ : ଅପରାହ୍ନ ୪ଟା।
- ନୃତ୍ୟ ସଙ୍ଗୀତ କଳାମନ୍ଦିରର ୬୩ତମ ବାର୍ଷିକ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଟାଉନ ହଲ୍, ସମୟ: ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**କେନ୍ଦୁଝର, ୮।୬ (ସ୍ୱ.ପ୍ର./ଡି.ଏନ.ଏ.)-** କେନ୍ଦୁଝର ସଦର ଥାନା ରାଇସୁଆଁ ଗ୍ରାମ ନିକଟରେ ଶନିବାର ସକାଳ ପ୍ରାୟ ସାଢ଼େ ୫ଟାରେ ୨୦ ନଂ ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ଜଣେ ବାଇକ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଡାକ୍ତର ମହାନ୍ତ। ତାଙ୍କ ଘର ଭଗାବନ୍ଧ ଗ୍ରାମରେ। ସେ ବାଇକରେ ଯାଉଥିବାବେଳେ ଏକ ଅଜଣା ଗାଡି ଧକ୍କା ଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ଖବର ପାଇ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଗତ ୩ ତାରିଖରେ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ଟ୍ରକ ଚାପାରେ ଦୁଇ ଭଉଣୀଙ୍କର ମୃତ୍ୟୁ ହୋଇଥିଲା। ବାରମ୍ବାର ଉକ୍ତ ସ୍ଥାନରେ ଦୁର୍ଘଟଣା ହେଉଥିବାରୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

### ଅଟୋକୁ ଧକ୍କା ଦେଲା ଟ୍ରକ୍, ୨ ଗୁରୁତର

**କେନ୍ଦୁଝର, ୮।୬ (ସ୍ୱ.ପ୍ର./ଡି.ଏନ.ଏ.)-** ଶନିବାର ଟାଉନ ଥାନା ଅନ୍ତର୍ଗତ କେନ୍ଦୁଝର - ବଡବିଲ ମୁଖ୍ୟରାସ୍ତାର ଧୂପଦା ନିକଟରେ ଅପରାହ୍ନରେ ଏକ ଅଟୋକୁ ପଛରୁ ଏକ ଟ୍ରକ ଧକ୍କା ଦେବା ଫଳରେ ଅଟୋରେ ବସିଥିବା ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ଗୁରୁତର ଚନ୍ଦ୍ରମଣୀ ଦେହୁରୀ (୪୫) ଓ ଅନାଦି ଦେହୁରୀ (୪୮)ଙ୍କ ମୁଣ୍ଡ ଫାଟିଯାଇଥିବା ଜଣାପଡିଛି । ଅଟୋ ଚାଳକ ବାବୁଲି ମନ୍ତ୍ରୀ ଓ ଯୋଶଦା ବେହେରା ସାମନ୍ୟ ଆହତ ହୋଇ ଚିକିତ୍ସାଧୀନ ଥିବା ଜଣାପଡିଛି। କେନ୍ଦୁଝରରୁ ୪ ଜଣ ଯାତ୍ରୀ ନେଇ ବାବୁଲି ରାଇସୁଆଁ ଅଭିମୁଖେ ଯାଉଥିଲେ। ସ୍ଥାନୀୟ ଲୋକେ ଟ୍ରକ କୁ ଅଟକାଇ ପୋଲିସ ଜିମା ଦେଇଛନ୍ତି। ପୋଲିସ ଟ୍ରକକୁ ଜବତ କରି ତଦନ୍ତ ଚଳାଇଛି।

### ବଜ୍ରପାତରେ ୩ ଗୋରୁ ମୃତ ଗୁରୁତର ଚାଷୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି

**ତେଲକୋଇ, ୮।୬(ଡି.ଏନ.ଏ.)-** ତେଲକୋଇ ଥାନା ଅନ୍ତର୍ଗତ ଦେଉଳଡିହା ପଞ୍ଚାୟତ ନୁଆଁଗଡ ଗ୍ରାମର ଦ୍ୱିତିକୃଷ୍ଣ ବେହେରା (୫୦) ନାମକ ଜଣେ ଚାଷୀ ବଜ୍ରପାତରେ ଗୁରୁତର ହୋଇ ତେଲକୋଇ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି ହୋଇଛନ୍ତି। ସେ ଚାଷ କାର୍ଯ୍ୟ କରି ଘରକୁ ଫେରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ସେହିପରି ନୁଆଁଗଡ ସଲଗ୍ନ ମଣ୍ଡେଇ ସାହିରେ ଶନିବାର ଅପରାହ୍ନରେ ବଜ୍ରପାତ ହେବା ଯୋଗୁଁ ଘଟଣା ସ୍ଥଳରେ ୩ଟି ଗୋରୁଙ୍କର ମୃତ୍ୟୁ ହୋଇଛି । ଗ୍ରାମର କୁଶ ମହାନ୍ତଙ୍କର ଗୋଟିଏ ଗୋରୁ ଓ ଗୌର ମହାନ୍ତଙ୍କର ୨ଗୋରୁ ଏକ ଗଛ ମୂଳେ ଆଶ୍ରୟ ନେବାବେଳେ ବଜ୍ରପାତ ହୋଇଥିଲା।

### 'ଅଞ୍ଚଳର ସମସ୍ୟାକୁ ପ୍ରାଥମିକତା ଦିଆଯିବ'



**ହାଟଡିହୀ, ୮।୬ (ଡି.ଏନ.ଏ.)-** କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଜେଡି ବିଧାୟକ ଭାଗୀରଥି ସେଠୀ ଅଞ୍ଚଳର ବିଭିନ୍ନ ସମସ୍ୟାର ପ୍ରତିକାର ପ୍ରତି ପ୍ରାଥମିକତା ଦେବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେ ଏନେଇ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଡକାଇ ଠିକ୍ ଭାବରେ କାର୍ଯ୍ୟ କରିବା ଏବଂ ଲୋକଙ୍କ ସମସ୍ୟା ପ୍ରତି ଧାନ ଦେବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି । ଏହି ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଡିଏମ୍ଏଫ ଯୋଜନାରେ କୋଟିକୋଟି ଟଙ୍କା ଆସୁଥିଲେ ମଧ୍ୟ ରାସ୍ତାର ଅବସ୍ଥା ବଦଳୁ ନାହିଁ। ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥାୟୀ ଇନଚାର୍ଜ ନ ଥିବା ବେଳେ ଆବଶ୍ୟକ ଡାକ୍ତର ନାହାନ୍ତି। ଏହା ଅଧୀନ ୭ ଡାକ୍ତରଖାନା ମଧ୍ୟରୁ ୫ଟିରେ ଡାକ୍ତର ନାହାନ୍ତି । ଫଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି।

# ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

**ଝୁମ୍ପୁରା, ୮।୬ (ଡି.ଏନ.ଏ.)**


ନିର୍ମାଣାଧୀନ ରାସ୍ତା।

■ ନିମ୍ନମାନର ରାସ୍ତା କାମ ଅଭିଯୋଗ
■ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ଗ୍ରାମବାସୀଙ୍କ ଆଲୋଚନା

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକର ଗ୍ରାମାଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ରାସ୍ତା କାମରେ ବ୍ୟାପକ ଅନିୟମିତତା ହେଉଛି। ଟେଣ୍ଡର ପ୍ରକ୍ରିୟାରେ ନିର୍ମିତ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର କୌଣସି ଗୋଟିଏ ହେଲେ ରାସ୍ତା ଏଗ୍ରିମେଣ୍ଟ ହୋଇଥିବା ନିର୍ମାଣ ଅବଧି ଭିତରେ ସରୁନାହିଁ। ସମସ୍ତ ରାସ୍ତାରେ ଅନିୟମିତତାର ଅଭିଯୋଗ ଉଠୁଛି। ଗ୍ୟାରେଣ୍ଟି ଅବଧି ୫ବର୍ଷ ତଥା ୫ବର୍ଷ ଭିତରେ ରାସ୍ତା ମରାମତିର ଦାୟିତ୍ୱ ଟେଣ୍ଡରଧାରୀ ଠିକାଦାରଙ୍କ ରହିଥିଲେ ହେଁ, ଠିକାଦାର ମରାମତି କାମ କରୁନାହିଁ। ଏଥିଲାଗି ଗ୍ରାମବାସୀ ଅଭିଯୋଗ କରି କେହି ନ ଶୁଣିବାରୁ କାମ ମଧ୍ୟ ବନ୍ଦ କରିଦେଇଥିବା ଜଣାପଡ଼ିଛି।

ଝୁମ୍ପୁରା ବ୍ଲକ ଅନ୍ତର୍ଗତ (ସୂଚନା ଫଳକ ଅନୁସାରେ) ଏନ ଏଚ ୨୧୫ ଠାରୁ ନହବେଡା ଗ୍ରାମ ପର୍ଯ୍ୟନ୍ତ ୫କି.ମି. ୮୧୩ମିଟର ରାସ୍ତା ନିର୍ମାଣ ପାଇଁ ୧କୋଟି ୯୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ରହିଛି। ପୁଣି ରକ୍ଷଣାବେକ୍ଷଣ ବାବଦରେ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟ ବରାଦ ଅଛି। ପୁଣି କାର୍ଯ୍ୟାରମ୍ଭ ତା୬।୬।୨୦୧୮ରିଖ ରହିଥିବା ସ୍ଥଳେ କାର୍ଯ୍ୟଶେଷ ତାରିଖ ୫।୩।୨୦୧୯ ରିଖ ରହିଛି। ତେବେ ରାସ୍ତା କାମ ଏ ଯାଏଁ ସରିନାହିଁ। ପୁଣି ରାସ୍ତା ଉପର ପିଚୁ ୫ ମିଟର ହେବା ସ୍ଥଳେ ୩ ମିଟର ଓସାର ପିଚୁ କରାଯାଉଥିବା ନେଇ ଖେଣ୍ଡରା ସରପଞ୍ଚ ଦର୍ଶନ ମୁଣ୍ଡାଙ୍କ ସହିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ନିର୍ମାଣରେ ଶ୍ରମିକମାନଙ୍କୁ କମ ମଜୁରି ଦିଆଯାଉଥିବା ନେଇ ପୂର୍ବରୁ ଅଭିଯୋଗ ରହିଛି।

ସେହିପରି ଅର୍ଶଳାଠାରୁ ତେଲିଅର୍ଶଳା ରାସ୍ତା (୨କି.ମି ୪୦ମିଟର) ପାଇଁ ବ୍ୟୟ ଅଟକଳ ୯୦ଲକ୍ଷ ୪୪ହଜାର ଟଙ୍କା ରହିଥିବାବେଳେ ରାସ୍ତା ରକ୍ଷଣାବେକ୍ଷଣ ପାଇଁ ରହିଛି ୭ ଲକ୍ଷ ୬୨ ହଜାର ଟଙ୍କା। କାର୍ଯ୍ୟାରମ୍ଭ ୧୯।୩।୨୦୧୮ ରହିଥିବାବେଳେ କାର୍ଯ୍ୟଶେଷ ୧୮।୩।୨୦୧୯ ରହିଛି। ତେବେ ଏହି ରାସ୍ତାର ଅବଧି ସରିବା ପରେ ମଧ୍ୟ ରାସ୍ତା ନିର୍ମାଣ ସରିନାହିଁ। ତେବେ କାମ ନିମ୍ନମାନର ହେଉଥିବା ନେଇ ଅର୍ଶଳା ସରପଞ୍ଚ ପ୍ରସନ୍ନ ନାଏକଙ୍କ ସହିତ ଗ୍ରାମବାସୀ କାମ ବନ୍ଦ କରିଥିଲେ। ଠିକାଦାରଙ୍କ ସ୍ଥାନୀୟବାସୀ ସହିତ ପାଟିତୁଣ୍ଡ କରିଥିଲେ। ତେବେ ପୋଲିସ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଆୟତ୍ତକୁ ଆସିଥିଲା।

ଉକ୍ତ ୨ଟି ରାସ୍ତା ନିର୍ମାଣ ସମ୍ବନ୍ଧୀୟ ଅଭିଯୋଗ ଉପରେ ପଚାରିବାରୁ ଝୁମ୍ପୁରାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବଳଭଦ୍ର ମାରାଣ୍ଡି କହିଛନ୍ତି ଯେ, ରାସ୍ତା ଦ୍ୱୟର ନିର୍ମାଣ ଅବଧି ସରିଥିଲେ ହେଁ, ଟେଣ୍ଡରଧାରୀ ଟାଇମ ପିଟିଶନ ଦେଇ କାମ କରୁଛନ୍ତି। ଏଷ୍ଟିମେଟ ଅନୁସାରେ କାମ ହେଉଛି। ନହବେଡା ରାସ୍ତା ପାର୍ଶ୍ୱରେ ମାଟି ପକାଇବା ଜାଗା ନ ଥିବାରୁ, ପିଚୁକାମ ୫ମିଟର ବଦଳରେ ୩ମିଟର କରାଯାଉଛି। ଅନିୟମିତତା ନେଇ ଠିକାଦାରଙ୍କୁ ତାଗିଦ କରାଯାଇଛି।

## ■ ତାଲା ଭାଙ୍ଗି ହୁଣ୍ଡି ଚୋରି ଘଟଣା

# ୨ ବାଳ ଅପରାଧୀ ସୁଧାର ଗୃହକୁ ଗଲେ

**ବଡ଼ବିଲ, ୮।୬(ସ୍ୱ.ପ୍ର.)**


ଜବତ ହୋଇଥିବା ମନ୍ଦିର ହୁଣ୍ଡି।

କେନ୍ଦୁଝର ଜିଲା ବଡ଼ବିଲ ଥାନା ନିକଟ ଶନି ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗି ହୁଣ୍ଡି ଚୋରି ଘଟଣାରେ ପୋଲିସ ଦୁଇ ବାଳ ଅପରାଧୀଙ୍କୁ ସୁଧାର ଗୃହକୁ ପଠାଇଥିବାବେଳେ ହୁଣ୍ଡି ସହ ୧ ହଜାର ଟଙ୍କା ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପଶୁପତିନାଥ ମନ୍ଦିର ପରିସରରେ ଥିବା ଶନି ମନ୍ଦିରର ମୁଖ୍ୟ ଫାଟକ ତାଲା ଭାଙ୍ଗି ହୁଣ୍ଡିସହ ହୁଣ୍ଡିରେ ଥିବା ପ୍ରାୟ ୬ହଜାରରୁ ୭ହଜାର ଟଙ୍କା ଚୋରି କରିନେଇଥିବା ବଡବିଲ ଥାନାରେ ଅଭିଯୋଗ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ, ଏହି ମାମଲାର ତଦନ୍ତ କରି ଚୋରି ହୋଇଥିବା ହୁଣ୍ଡି ସହ ଟଙ୍କା ଜବତ କରିଥିବାବେଳେ ଚୋରିରେ ସମ୍ପୃକ୍ତ ୨ ବାଳ ଅପରାଧୀଙ୍କୁ କେନ୍ଦୁଝର ଜୁଭେନାଇଲ ଜଷ୍ଟିସ ବୋର୍ଡ ସମ୍ମୁଖରେ ହାଜର କରାଇ ଶୁକ୍ରବାର ସନ୍ଧ୍ୟାରେ ରାଉରକେଲାସ୍ଥିତ ସୁଧାର ଗୃହକୁ ପଠାଯାଇଥିବା ବଡ଼ବିଲ ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

# ଗ୍ରାମ୍ୟମେଳାରେ ଜମୁଛି ଭିଡ଼



ମେଳାରେ ଉପସ୍ଥିତ ଅତିଥି।

**କେନ୍ଦୁଝର, ୮।୬(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଡିମ୍ବୋ ହନୁମାନ ମନ୍ଦିର ନିକଟସ୍ଥ ପଡିଆରେ ପ୍ରଥମ ଓଡିଶା ଗ୍ରାମ୍ୟ ମେଳା ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ କେନ୍ଦୁଝର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଶୁଭାରମ୍ଭ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡିମ୍ବୋ ଗ୍ରାମ ପଞ୍ଚାୟତର ସରପଞ୍ଚ ଅଖିଳ ଚନ୍ଦ୍ର ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ, ବଣିକ ସଂଘର ସଭାପତି କୈଳାଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, କେନ୍ଦୁଝର ଇଞ୍ଜିନିୟରିଂ କଲେଜର ପ୍ରତିଷ୍ଠାତା ଇଂ ବସନ୍ତ କୁମାର ଦାନୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରକଳ୍ପ'ର ନିର୍ଦ୍ଦେଶକ ବିପ୍ଳବ ମିଶ୍ର ପ୍ରମୁଖ ଯୋଗଦେଇ ଏହି ମେଳା ଗ୍ରାମାଞ୍ଚଳଭିତ୍ତିକ ହୋଇଥିବାରୁ ଏହାର ଭୂୟସୀ ପ୍ରଶଂସା କରିବା ସହ ଏହି ମେଳା ପ୍ରତିବର୍ଷ ଚାଲୁ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଗ୍ରାମ୍ୟମେଳା ଜୁନ୍ ୭ ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ମେଳାରେ ୧୦୦ଟି ଷ୍ଟଲ ଖୋଲାଯାଇଥିବାବେଳେ ଏଥି ମଧ୍ୟରେ କମ୍ପ୍ୟୁଟର ଉପକରଣ, ହୋମ ଫିଲ, ଘରୋଇ ଖାଉଟି ସାମଗ୍ରୀ, ବିଭିନ୍ନ ପୋଷାକ, ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ବସାଯାଇଛି। ଏଥିସହ କେନ୍ଦୁଝରର ବିଶିଷ୍ଟ ଚିତ୍ରଶିଳ୍ପୀ ରଘୁ ପିଲାଇଙ୍କ ଦ୍ୱାରା ତିଆରି ଅଏଲ୍ ପେଣ୍ଟିଂ ଚିତ୍ର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବାବେଳେ ଖାଦ୍ୟ ଷ୍ଟଲରେ ଭିଡ ଜମୁଥିବାର ଦେଖିବାକୁ ମିଳୁଛି। ଉଦ୍‌ଘାଟନୀ ସଭା ଶେଷରେ ମେଳାର ଆୟୋଜକ ସଞ୍ଜୟ କୁମାର ସାହୁ ନିମନ୍ତ୍ରିତ ଅତିଥି, ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଗ୍ରାମ୍ୟମେଳାର ପ୍ରତ୍ୟେହ ସନ୍ଧ୍ୟାରେ ମନୋରଞ୍ଜନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ବ୍ୟବସ୍ଥା ହୋଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଅଧାପାଚିଲା ଧାନ କାଟିଲେ ଚାଷୀ


ଚାଷୀମାନେ ଅଧା ପାଚିଲା ଧାନ କାଟି ନେଉଛନ୍ତି।

**ଚମ୍ପୁଆ, ୮।୬(ଡି.ଏନ.ଏ.)**

ହାତୀ ପାଇଁ ରାତି ଉଜାଗର ରହୁଥିବା ଚାଷୀ ଶେଷରେ ଅନ୍ୟ ଉପାୟ ନ ପାଇ ମୁଠା ମୁଠା ଟଙ୍କା ଖର୍ଚ୍ଚ କରିଥିବା ଧାନଚାଷକୁ ଅଧାପାଚିଲା ଅବସ୍ଥାରେ ବିଲରୁ କାଟିବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି। ଚୋରଠାରୁ ଶିକା ବାହୁଙ୍ଗି ପାଇବା ଭଳି ଚାଷୀ ହାତୀ ଦାଉରୁ ଅଧା ଧାନ ପାଇବା ଆଶାରେ ଦର ପାଚିଲା ଧାନକୁ ଖଳାକୁ ନେଇ ଆଣୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ହାତୀ ଦ୍ୱାରା ହେଉଥିବା ଫସଲ ହାନି ବାବଦକୁ ନିର୍ଦ୍ଧାରିତ ଅର୍ଥ ଚାଷ ବାବଦକୁ ହେଉଥିବା ଖର୍ଚ୍ଚ ଓ ପରିଶ୍ରମ ତୁଳନାରେ ଯଥେଷ୍ଟ ହେଉ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ହାତୀମାନେ ଯେଉଁ ବିଲରେ ପଶୁଛନ୍ତି ସେ ବିଲରେ ଖାଇବା ଅପେକ୍ଷା ନଷ୍ଟ ଅଧିକ କରୁଛନ୍ତି। ନଷ୍ଟ ହେଉଥିବା ଧାନଗଛକୁ ଉଦ୍ଧାର କରିବା ସମ୍ଭବପର ହେଉନାହିଁ। ସରକାରଙ୍କ ପକ୍ଷରୁ ହାତୀପଲ ଦ୍ୱାରା ହେଉଥିବା ଧାନ ଚାଷ କ୍ଷୟକ୍ଷତି ବାବଦକୁ ଏକର ପିଛା ୧୦ ହଜାର ଟଙ୍କା ଓ ତୈଳବୀଜ ଜାତୀୟ ଫସଲ ଏକରକୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ମାତ୍ର ଚାଷୀ ଧାନ ଚାଷରେ ଏକର ପିଛା ୮ ରୁ ୯ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ସେଥିପାଇଁ ଏହି ସହାୟତା କୌଣସି ଭରଣା କରିପାରୁନି।

**ହାତୀ ଉପଦ୍ରବ**

ଅନେକ ସ୍ଥାନରେ ଏକର ଏକର ଧାନ ଚାଷ ଏହି ହାତୀପଲ ଦ୍ୱାରା ପ୍ରଭାବିତ ହେଉଥିଲେ ହେଁ ଚାଷୀ ଉପଯୁକ୍ତ ପ୍ରାପ୍ୟ ପାଇପାରୁ ନାହାନ୍ତି। ଜଙ୍ଗଲ ସନ୍ନିକଟ ଚାଷ ଜମିଗୁଡିକ ଏ ହାତୀପଲ ଦ୍ୱାରା ପ୍ରାୟତଃ ପ୍ରଭାବିତ ହେଉଛି। ବନ ବିଭାଗ ଦ୍ୱାରା ହାତୀ ଯାତାୟାତ ପଥ ସୂଚନା ବୋର୍ଡ ଲଗାଯାଇଥିଲେ ମଧ୍ୟ ହାତୀପଲଙ୍କ ଚଲାପଥ ଦିନକୁ ଦିନ ପରିବର୍ତ୍ତନ ହେବାରେ ଲାଗିଛି ଫଳରେ ସିଧାସଳଖ ଚାଷୀମାନଙ୍କ ଫସଲ ନଷ୍ଟ ହେଉଛି। ଅଡଙ୍ଗାପାଳ ମୁଣ୍ଡାସାହିର ଚାଷୀ ଶ୍ରବଣ ଓରାମଙ୍କୁ ପଚାରିବାରୁ କହିଛନ୍ତି ଯେ ହାତୀପଲ ବିଲ ମଧ୍ୟକୁ ପଶି ଦଳିଚକଟି ଦେଉଛନ୍ତି। ଆଉ ୮/୧୦ ଦିନ ପରେ ଧାନ ପୂରା ପାଚି ଯାଇଥାନ୍ତା। ମାତ୍ର ହାତୀ ଭୟରେ ଏସବୁ କରିବାକୁ ପଡୁଛି। ଏ ନେଇ ବନାଞ୍ଚଳ ଅଧିକାରୀ ଘାସିନାଥ ପାତ୍ରଙ୍କୁ ପଚାରିବାରୁ ସରକାରଙ୍କ ପକ୍ଷରୁ ଶସ୍ୟ ନଷ୍ଟ ସହାୟତାକୁ ତ୍ୱରାନ୍ୱିତ କରାଯାଇଛି। ତେଣୁ ଚାଷୀମାନେ ଅଧା ପାଚିଲା ଧାନ ନ କାଟିବା ପାଇଁ ଅନୁରୋଧ କରିଛନ୍ତି।

## ପରିବେଶ ସୁରକ୍ଷା ଲାଗି ଚାରାରୋପଣ

**କେନ୍ଦୁଝର, ୮।୬(ସ୍ୱ.ପ୍ର.)**

ପରିବେଶର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଚାରାରୋପଣର ଆବଶ୍ୟକତା ରହିଛି । ଏଣୁ ବିଶ୍ୱ ପରିବେଶ ଅବସରରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ଶ୍ରୀ ମେଟାଲିକ୍ସ ଲିଃ କମ୍ପାନୀ ତରଫରୁ ସମୂହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ଲାଣ୍ଟ ପରିସର ଏବଂ ଆଖପାଖ ଖୋଲା ସ୍ଥାନରେ ୧ହଜାରରୁ ଅଧିକ ଶାଳ, ଶିଶୁ, ଶିରୀଷ, ଛତିଆନ, ଗମ୍ଭାରୀ, ନିମ୍ବ, ମହାନିମ୍ବ, ଆମ୍ବ, ଜାମୁ ପ୍ରଭୃତି ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। କମ୍ପାନୀ ପରିସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ କମ୍ପାନୀର ଉପସଭାପତି ସରୋଜ ବିଶ୍ୱାଳ, ସାଧାରଣ ପରିଚାଳକ ଶିଶିର କୁମାର ରାଉତ, ସିନିୟର ମ୍ୟାନେଜର ଜ୍ଞାନରଞ୍ଜନ ସ୍ୱାଇଁ, ରମେଶ ଆଳମ୍ପୁର, ଭଜହରି ଦାସ,ଏଜିଏମ ଶରତ ପ୍ରଧାନ,ମ୍ୟାନେଜର ସାହିଲ ପାଣିଗ୍ରାହୀ, ଅମରେଶ ଲେଙ୍କା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଚାରାରୋପଣ କରାଯାଇଥିଲା। ଏଥିରେ ଆଗାମୀ ଦିନରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆହୁରି ୫ହଜାର ଚାରା ରୋପଣ କରାଯିବାର କାର୍ଯ୍ୟକ୍ରମ ରହିଥିବା କମ୍ପାନୀର ଉପସଭାପତି ବିଶ୍ୱାଳ ଏହାର ସୁରକ୍ଷା ବିଷୟରେ ସଚେତନତା ବାର୍ତ୍ତା ଦେବା ସହ ପରିବେଶ ସୁରକ୍ଷା କ୍ଷେତ୍ରରେ କମ୍ପାନୀ ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ହନୁମାନ ମନ୍ଦିର ଭୂମିପୂଜନ

**କେନ୍ଦୁଝର, ୮।୬ (ସ୍ୱ.ପ୍ର.)**

ସଦର ବ୍ଲକ କାଉଁରିକଳା ଗ୍ରାମ ଶାଳବଣ ନିକଟରେ ପୂଜାପାଇ ଆସୁଥିବା ମହାବୀର ହନୁମାନଙ୍କ ନବ ନିର୍ମିତ ମନ୍ଦିରର ଭୂମିପୂଜନ ଶୁକ୍ରବାର କରାଯାଇଛି। ସମାଜସେବୀ ଇଂ ବସନ୍ତ କୁମାର ଦାନୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଏହି ମନ୍ଦିର ନିର୍ମାଣରେ ଶୁଭ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଇଂ ଜିତେନ୍ଦ୍ର କ୍ରିଷ୍ଣାରାମ ଦାନୀ, ଭାବଗ୍ରାହୀ ମିଶ୍ର, ଜେନମଣି ସାହୁ ତଥା ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

**କେନ୍ଦୁଝର, ୮।୬ (ସ୍ୱ.ପ୍ର./ ଡି.ଏନ.ଏ.)**



କୃତୀ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

ସ୍ଥାନୀୟ ବ୍ରାହ୍ମୀ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଚିଲ୍‌ଡ୍ରେନର ପ୍ରଥମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଟଙ୍କଧର ମହାନ୍ତ, ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର, ଜିଲା ସହ ନିବନ୍ଧ ଅଧିକାରୀ ଜଗବନ୍ଧୁ ବ୍ରହ୍ମ, ଇଂ ଅମରବର ଖଡୁଆ ଏବଂ ଡଃ ବିନୟ ଭୂଷଣ ମିଶ୍ର ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ମାଟ୍ରିକ ପରୀକ୍ଷାରେ ଏ ୧ ସ୍ତରରେ ରହି ଜିଲା ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ନିଜର ଅବଦାନ ପାଇଁ କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ନର୍ସରୀ ଟିଚର ଟ୍ରେନିଂର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ଶାରୀରିକ କଳା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନର୍ସରୀ ଟିଚର ଟ୍ରେନିଂର ସଦସ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଓ ବଣିଆପାଟ ଗୁରୁଜୀଗୁରୁମା ସହଯୋଗ କରିଥିଲେ ।

# ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

**ପାଟଣା, ୮।୬(ସ୍ୱ.ପ୍ର.)**


ଗିରିଜା ଶଙ୍କର ମହାଦେବଙ୍କ ବିବାହ।

ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ଗିରିଜା ଶଙ୍କର ଶିବ ମନ୍ଦିରରେ ଶୀତଳଷଷ୍ଠୀ ଅବସର ରେ ଶୁକ୍ରବାର ରାତିରେ ଦେବ ଦେବ ମହାଦେବଙ୍କ ସହ ଦେବୀ ପାର୍ବତୀଙ୍କ ଶାସ୍ତ୍ରୀୟ ମତେ ବିବାହ ସମ୍ପନ୍ନ ହୋଇଛି। ଏଥିନିମନ୍ତେ ମନ୍ଦିର ପ୍ରାଙ୍ଗଣରେ ପୂଜକ ଅରୁଣ କୁମାର ମିଶ୍ରଙ୍କ ଦ୍ୱାରା ବୈଦିକ ରୀତିରେ ପୂଜାର୍ଚ୍ଚନା କରାଯାଇ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଚଳିତ ବର୍ଷ ବର ପକ୍ଷରୁ କର୍ତ୍ତା ଭାବେ ତୁରୁମୁଙ୍ଗା ନିବାସୀ ଡଃ ଯୋଗେନ୍ଦ୍ର ନାଏକ ଓ ତାଙ୍କ ସହ ଧର୍ମିଣୀ ଶ୍ରୀୟା ନାଏକ ବରଯାତ୍ରୀରେ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ରେ ବାହାରି ବିଭିନ୍ନ ସାହି ପରିକ୍ରମା କରିବା ପରେ ରାତି ସାଢ଼େ ୧୧ଟାରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। କନ୍ୟା ପକ୍ଷରୁ କର୍ତ୍ତା ଭାବେ ତୁରୁମୁଙ୍ଗା ନିବାସୀ ରାମଚନ୍ଦ୍ର ସାହୁ ଓ ତାଙ୍କ ସହଧର୍ମିଣୀ ଆରତୀ ସାହୁ କର୍ତ୍ତା ହୋଇ କନ୍ୟାଦାନ କରିଥିଲେ। ଦେବ ଦମ୍ପତିଙ୍କ ଏହି ଦୁର୍ଲଭ ବିବାହରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଦେବ ଦମ୍ପତିଙ୍କ ଏହି ନିଆରା ବିବାହରେ ମନ୍ଦିର କମିଟିର ସଭାପତି ବାଇଧର ସାହୁ, ସୁଧାଂଶୁ ଶେଖର ସାହୁ, ପ୍ରମୋଦ କୁମାର ସାହୁ,କ୍ଷେତ୍ରମୋହନ ସାହୁ, ପ୍ରଫୁଲ୍ଲ ବେହେରା, କୁଳମଣି ସାହୁ, ନିର୍ମଳ ଚନ୍ଦ୍ର ସାହୁ, କୈବଲ୍ୟ ଚରଣ ସାହୁ, ମୋଚିରାମ ସାହୁ, ନାଗେଶ୍ୱର ବେହେରା, ଅଧିକାରୀ ସାହୁ, ବିଚିତ୍ରାନନ୍ଦ ସାହୁ ଓ ଅଭିମନ୍ୟୁ ସାହୁ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ସମ୍ପନ୍ନ ହୋଇଛି।

## ସ୍ୱଚ୍ଛତା ପାଇଁ ଜନଜାଗରଣ କାର୍ଯ୍ୟକ୍ରମ

**ଯୋଡ଼ା, ୮।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ପୌରପାଳିକା ତରଫରୁ ଯୋଡା ସହରରେ ସ୍ୱଚ୍ଛତା ଆଣିବା ପାଇଁ ଶନିବାର ଠାରୁ ଘରକୁ ଘର ବୁଲି ପୌର କର୍ମଚାରୀ ମାନେ ଜନଜାଗରଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଶନିବାର ସକାଳ ସାଢ଼େ ୮ଟାରେ ପୌର କର୍ମଚାରୀ, ସଫେଇ କର୍ମଚାରୀ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡ ବୁଲିଥିଲେ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ–୨୦୧୬ କୁ ପାଳନ କରିବା ପାଇଁ ଏନ୍‌ଜିଟି ପକ୍ଷରୁ କଡାକଡି କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ପରେ ନଗର ଉନ୍ନୟନ ବିଭାଗ ତତ୍ପର ହୋଇ ଉଠିଛି । ରାଜ୍ୟର ସମସ୍ତ ସହରରେ ସ୍ୱଚ୍ଛତା ଆଣିବା ପାଇଁ ଅଭିଯାନ ଆରମ୍ଭ କରାଯାଇଛି। ପୌର ସଂସ୍ଥା ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀ ଘରୁ ଏହି ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ଗୁଡିକୁ ଅଲଗା ଅଲଗା ଭାବରେ ସଂଗ୍ରହ କରି ନେବେ । ଏହି ସଚେତନତା କାର୍ଯ୍ୟକ୍ରମରେ ସମସ୍ତ ପୌର କର୍ମଚାରୀଙ୍କୁ ବିଭିନ୍ନ ୱାର୍ଡରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଯୋଗ ଦେଇଥିଲେ । ପ୍ରତି ଘରେ ଏହାକୁ ଗୁରୁତର ସହିତ ସଫେଇ କାର୍ଯ୍ୟକ୍ରମ ପ୍ରତି ପାଳନ କରିବା ପାଇଁ ଲୋକଙ୍କୁ ପୌରକର୍ମଚାରୀ ମାନେ ବୁଝାଇଥିଲେ।

# ୩ ମାସ ହେଲା ପଲିଥିନ୍ ତଳେ ବିପନ୍ନ

**ଆନନ୍ଦପୁର, ୮।୬(ସ୍ୱ.ପ୍ର.)**


ପଲିଥିନଘେରା କୁଡିଆରେ ଘରପୋଡି ବିପନ୍ନ।

ଦୀର୍ଘ ୩ ମାସ ହେବ କେନ୍ଦୁଝର ଜିଲା ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ନପଙ୍ଗା ଗ୍ରାମରେ ୫ଟି ଅଗ୍ନି ବିପନ୍ନ ପରିବାର ପଲିଥିନ ତଳେ ଜୀବନ ବିତାଉଛନ୍ତି। ମୁଣ୍ଡ ଗୁଞ୍ଜି ରହିବା ଲାଗି ସେମାନଙ୍କୁ କୌଣସି ସହାୟତା ଦିଆଯାଇ ନାହିଁ । ଆଗକୁ ବର୍ଷା ଦିନ ଆସୁଥିବାରୁ ଏହି ପରିବାରବର୍ଗ କିଭଳି, କେଁଠି ରହିବେ ଏ ନେଇ ଚିନ୍ତାରେ ପଡିଛନ୍ତି।

ଉଲ୍ଲେଖନୀୟ ଯେ, ନପଙ୍ଗା ଗ୍ରାମରେ ଗତ ମାର୍ଚ୍ଚ ୨୫ରେ ଭୟାବହ ଅଗ୍ନିକାଣ୍ଡ ଘଟି ବାବାଜି ଚରଣ ଦାସ, ରାମଚନ୍ଦ୍ର ଦାସ, ଅମରେନ୍ଦ୍ର ଦାସ, ସମରେନ୍ଦ୍ର ଦାସ ଓ ଶିବ ପ୍ରସାଦ ଦାସଙ୍କ ପରିବାରର ୧୦ ବଖରା ପୋଡିଯାଇଥିଲା। ସେତେବେଳେ ବ୍ଲକ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାର ଲୋକଙ୍କୁ ଚାଉଳ, ଶାଢି, ଲୁଙ୍ଗି, ଗାମୁଛା ଓ ପଲିଥିନ୍ ଦିଆଯିବା ସହ ୭ ଦିନ ସକାଶେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଘସିପୁରା ତହସିଲ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ପଲିଥିନ୍ ଦିଆଯିବା ସହିତ ଜରୁରିକାଳୀନ ସହାୟତା ସ୍ୱରୂପ ୩୨୦୦ ଟଙ୍କା ପ୍ରଦାନ କରାଯାଇଥିଲା। ତାହା ପରଠାରୁ ଏହି ବିପନ୍ନ ପରିବାରଙ୍କୁ ଅଣଦେଖା କରାଯାଇଥିବା ଗ୍ରାମବାସୀ କହିଛନ୍ତି। ଘସିପୁରା ବିଡିଓ ଡଃ.ମଧୁସ୍ମିତା ସାମନ୍ତରାୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କ୍ଷତିଗ୍ରସ୍ତଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ସେ ସୂଚନା ଦେଇଛନ୍ତି। ଜଣଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରାୟୋରିଟି ଲିଷ୍ଟରେ ରଖାଯାଇଥିବା କହିବା ସହିତ ଅନ୍ୟ ଦୁଇ ଅବେଦନକାରୀଙ୍କ ପାଇଁ ବିଜୁ ପକ୍କାଘରର ବ୍ୟବସ୍ଥା ଗ୍ରହଣ କରାଯାଉଛି।

